ଆଜି - ଶୁକ୍ରବାର
ତାରିଖ - ୧୫ ମଇ ୨୦୨୬
ମାସ - ବୃଷ, ଦିନ - ୦୧୧
ତିଥି - ତ୍ରୟୋଦଶୀ, ଚତୁର୍ଦ୍ଦଶୀ କ୍ଷୟ ପକ୍ଷ- କୃଷ୍ଣ
ନକ୍ଷତ୍ର - ଅଶ୍ୱିନୀ, ମେଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୧୫:୦୦
ସୂର୍ଯ୍ୟାସ୍ତ - ୬ : ୧୧ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 31 R.N.I. REGD. No. 44026/86 ବାଲେଶ୍ୱର ୧୫ ମଇ ୨୦୨୬ ଶୁକ୍ରବାର BALASORE 15 MAY 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


"ବର୍ଷରେ ଦୁଇଗୋଟି ଦିନ ଅଛି ଯେଉଁ ଦିନମାନଙ୍କରେ ଆମେ କିଛି କରି ପାରିବା ନାହିଁ । ସେ ଦୁଇ ଦିନ ହେଉଛି-ଗତକାଲି ଓ ଆସନ୍ତାକାଲି । "

- ମହାତ୍ମା ଗାନ୍ଧୀ

# ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

## ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଯୋଗଦେବେ

ଭୁବନେଶ୍ୱର: ଯଦିଓ ଦେଶରେ ତେଲ ସଙ୍କଟ ପାଇଁ ବିଭିନ୍ନ ଜନ ସମାବେଶକୁ ସରକାର ବାତିଲ କରିଛନ୍ତି । ଏହାରି ଭିତରେ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ନିଜ ଶାସନ କାଳର ଦୁଇ ବର୍ଷ ସଫଳତାର ସହ ପୂରଣ କରିବାକୁ ଯାଉଛନ୍ତି । ଏହି ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସିବାର ସମ୍ଭାବନା ରହିଛି ।



ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କେବଳ ଏକ ଉତ୍ସବ ନୁହେଁ, ବରଂ ଆଗାମୀ ନିର୍ବାଚନ ପାଇଁ ଦଳୀୟ କର୍ମୀଙ୍କୁ ଶାଣିତ କରିବାର ଏକ ରଣନୈତିକ ପଦକ୍ଷେପ ବୋଲି କୁହାଯାଉଛି । ରାଜ୍ୟରେ ବିଜେପି ସରକାର ନେଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ବିଶେଷ କରି ସୁଭଦ୍ରା ଯୋଜନା ଓ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିବା ଭଳି ପଦକ୍ଷେପର ସମୀକ୍ଷା ଓ ଏହାର ସଫଳତା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ସମ୍ବୋଧିତ କରିପାରନ୍ତି । ଏହି ଗସ୍ତ କାଳରେ ଅନେକ ନୂତନ ରେଳବାଇ, ଜାତୀୟ ରାଜପଥ ଏବଂ ଶକ୍ତି ପ୍ରକଳ୍ପର ଶିଳାନ୍ୟାସ କିମ୍ବା ଲୋକାର୍ପଣ ହେବାର କାର୍ଯ୍ୟକ୍ରମ ରହିଛି । ରାଜଧାନୀ ଭୁବନେଶ୍ୱର କିମ୍ବା ପୁରୀଠାରେ ଏକ ବିଶାଳ ଜନସମାବେଶ ଆୟୋଜନ କରିବାକୁ ରାଜ୍ୟ ବିଜେପି ପକ୍ଷରୁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଉଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଥିବାରୁ ଏହା କେନ୍ଦ୍ରୀୟ ନେତୃତ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦ୍ୱାରା ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଥିବା 'ଡବଲ୍ ଇଞ୍ଜିନ୍' ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରୟାସ କରାଯିବ । ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ଆସିବା ପାଇଁ ନିମନ୍ତ୍ରଣ କରାଯାଇଛି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଏବେ ପ୍ରଗତିର ଏକ ନୂଆ ଯୁଗରେ ପ୍ରବେଶ କରିଛି । କିନ୍ତୁ ତେଲ ସଙ୍କଟ ପାଇଁ ଯେଉଁ ସମସ୍ୟା ଉପୁଜିଛି ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଏହିପରି କାର୍ଯ୍ୟକ୍ରମକୁ ଭିଡିଓ କନଫରେନସିଂ ଜରିଆରେ ଉଦବୋଧନ କରିପାରନ୍ତି।।

# ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

## ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଂଚାଇବା ଉପରେ ଗୁରୁତ୍ୱ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯେହେତୁ ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଂଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏଥିପାଇଁ ପ୍ରିଂଟ, ଇଲୋକ୍ଟ୍ରୋନିକ୍ ?ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ । ଏଥିସହିତ କାର୍ଯ୍ୟକାରୀ ହୋଇଥିବା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସାଧାରଣ ଲୋକ କିଭଳି ଉପକୃତ ହେଉଛନ୍ତି ତାର ଚିତ୍ର ସର୍ବସାଧାରଣଙ୍କୁ ଆଣିବା ପାଇଁ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା । ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ । ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡିଶା, ସମୃଦ୍ଧ କୃଷି ଓଡିଶା, ସୁସ୍ଥ ଓଡିଶା, ନିର୍ମାଣ ଓଡିଶା, ଉତ୍କର୍ଷ ଓଡିଶା, ଜନଶକ୍ତି ଓଡିଶା ଏବଂ କୌଶଳ ଓଡିଶା ଆଦି ଏହି ୭ଟି ଥିମ୍ ?ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ । ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଂଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରମତୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।



## ଅଳ୍ପରେ ଖବର

- ପାଇଲଟ ଭ୍ୟାନ ଫେରାଇଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ଏଣିକି ମାତ୍ର ଗୋଟିଏ ଗାଡି କରିବେ ବ୍ୟବହାର ।
- ଏସଭିପିଏନପିଏ , ହାଇଦ୍ରାବାଦର ୪୮ତମ ଆଇପିଏସ୍ ଇଣ୍ଡକ୍ସନ ଟ୍ରେନିଂ କୋର୍ସର ୧୨ ଜଣ ପ୍ରଶିକ୍ଷାର୍ଥୀ (୧୧ ପୁରୁଷ ଓ ୧ ମହିଳା ଟ୍ରେନି ଆଇପିଏସ୍ ଅଧିକାରୀ) ଗୁରୁବାର ଦିନ ଭୁବନେଶ୍ୱର-କଟକ ପୋଲିସ୍ କମିଶନରେଟ୍ ପରିଦର୍ଶନ କରିଛନ୍ତି ।
- ରୁଷ ୟୁକ୍ରେନରେ ଏକ ବଡ଼ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ବୁଧବାର ସକାଳ ଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଆକ୍ରମଣ କରି ରୁଷ ତାଣ୍ଡବ ରଚାଇଛି । ଏହି ଆକ୍ରମଣରେ ଅତି କମରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୮୦ ରୁ ଅଧିକ ସାଧାରଣ ନାଗରିକ ଆହତ ହୋଇଛନ୍ତି ।
- ରାଜ୍ୟରେ ଏବେ ପ୍ରକୃତିର ଦ୍ୱିବିଧ ରୂପ ଦେଖିବାକୁ ମିଳୁଛି । ଦିନରେ ଅସହ୍ୟ ଗୁଳୁଗୁଳି ଓ ପ୍ରବଳ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ସନ୍ଧ୍ୟା ନଇଁଲେ କାଳବୈଶାଖୀର ତାଣ୍ଡବ ସବୁକିଛି ଛିନଛତ୍ର କରିଦେଉଛି ।

# ଅହମ୍ମଦବାଦରେ ଆଇଆଇଏମ କୋର୍ଡିନେସନ

## ଫୋରମ ବୈଠକରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଗାନ୍ଧୀନଗର: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗୁଜରାଟ ଗସ୍ତ ଅବସରରେ ଗାନ୍ଧୀନଗର ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ ଶିକ୍ଷା ଏବଂ ନବସୃଜନ କ୍ଷେତ୍ରରେ ଗୁଜରାଟର ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଏମ ଅହମ୍ମଦାବାଦ ପରିସରରେ ଆୟୋଜିତ ଆଇଆଇଏମ ସମୂହର 'ସମନ୍ୱୟ ମଂଚ' ବା କୋର୍ଡିସେନସ ଫୋରମ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ 'ବିକଶିତ ଭାରତ-୨୦୪୭' ର ସ୍ୱପ୍ନକୁ ସାକାର କରିବାରେ ଆଇଆଇଏମ ଗୁଡ଼ିକର ଭୂମିକା ଉପରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା । ଶ୍ରୀ ପ୍ରଧାନ କହିଥିଲେ, ଦେଶର ସମସ୍ତ ଆଇଆଇଏମ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସଶକ୍ତ ଶିକ୍ଷା ଭିତିଭୂମି ପ୍ରସ୍ତୁତ କରିବାକୁ ହେବ । ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସହ ବିଶ୍ୱସ୍ତରୀୟ ଶିକ୍ଷାଦାନ ପଦ୍ଧତି ଆପଣେଇବାକୁ ହେବ । ନୂତନ ଇନୋଭେସନକୁ ପ୍ରୋତ୍ସାହନ ଦେଇ ଆଇଆଇଏମ ଶିକ୍ଷାକୁ ଆନ୍ତର୍ଜାତୀୟ ସ୍ତରରେ ଶୀର୍ଷରେ ପହଂଚାଇବା ପାଇଁ ଆହ୍ୱାନ କରିଥିଲେ କେନ୍ଦ୍ର ମନ୍ତ୍ରୀ । ସେହିପରି ବୈଷୟିକ ଜ୍ଞାନ ସହ ସାମାଜିକ ଦାୟିତ୍ୱବୋଧ ଏବଂ ନୈତିକ ନେତୃତ୍ୱ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସେ କହିଛନ୍ତି ଯେ, ଭାରତର ଆଇଆଇଏମ ଗୁଡ଼ିକ କେବଳ ଶିକ୍ଷାନୁଷ୍ଠାନ ନୁହଁନ୍ତି, ବରଂ ଦେଶ ଗଠନ ଏବଂ ଆର୍ଥିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ । ନେତୃତ୍ୱ ଏବଂ ପରିଚାଳନା ଶିକ୍ଷା କ୍ଷେତ୍ରରେ ଏହା ସମଗ୍ର ବିଶ୍ୱ ପାଇଁ ଆଦର୍ଶ ସାଜିଛି ।



# ପୁରୀ-କୋରାପୁଟ ଏକ୍ସପ୍ରେସ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ପାଇଁ ଲାଭଦାୟକ ହେବ : ରେଳ ମନ୍ତ୍ରୀ

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲିଥିବା ପ୍ରମୁଖ ରେଳ ଭିତିଭୂମି ଏବଂ ସଂଯୋଗୀକରଣ ଯୋଜନା ବିଷୟରେ ଗୁରୁବାର କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋକପାତ କରିଛନ୍ତି । ନୂତନ ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ଏହି ଟ୍ରେନ ସେବା ପ୍ରଥମ ଥର ପାଇଁ ପୁରୀ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ । ଏହି ଟ୍ରେନ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚାଲିବ, ଯାହା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନଙ୍କୁ ଯଥେଷ୍ଟ ଉପକୃତ କରିବ । ଏହି ସେବା ତୀର୍ଥଯାତ୍ରା, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ବ୍ୟବସାୟିକ ଯାତ୍ରା ପାଇଁ ସଂଯୋଗୀକରଣରେ ସୁଧାର ଆଣିବ, ବିଶେଷ କରି କେବିକେ ଅଂଚଳ ଏବଂ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ହେବ । ଓଡ଼ିଶାର ରେଳ ବିକାଶ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୁନାଗଡ଼-ନବରଙ୍ଗପୁର, ନବରଙ୍ଗପୁର-ଜୟପୁର, ଜୟପୁର-ମାଲକାନଗିରି, ବରଗଡ଼-ନୂଆପଡ଼ା, ଗୁଣୁପୁର-ଥେରୁବାଲି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଏବଂ ବିମଳାଗଡ଼-ତାଳଚେର ରେଳ ଲାଇନ ପ୍ରକଳ୍ପ ଅନ୍ତର୍ଭୁକ୍ତ । ସେ କହିଛନ୍ତି ଯେ, ଦୀର୍ଘ ଦିନରୁ ବିଳମ୍ବିତ ଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଏହାକୁ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ଦେଇ ଯାଇଥିବା ହାଓଡ଼ା-ଚେନ୍ନାଇ ମୁଖ୍ୟ କରିଡରର ଚାଲିଥିବା ଚାରି-ଲେନ୍ କାର୍ଯ୍ୟ ଉପରେ ମଧ୍ୟ ଆଲୋକପାତ କରିଛନ୍ତି । ସେ ପ୍ରକାଶ କରିଛନ୍ତି ଯେ ନୂତନ ଲାଇନ ଏବଂ ପ୍ରମୁଖ କ୍ଷମତା ବୃଦ୍ଧି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ, ଓଡ଼ିଶା ଭବିଷ୍ୟତରେ ପ୍ରାୟ ୫୦୦ଟି ଅତିରିକ୍ତ ଟ୍ରେନ ଚଲାଇବାର କ୍ଷମତା ହାସଲ କରିବ । ଶ୍ରୀ ବୈଷ୍ଣବ ଆହୁରି ସୂଚନା ଦେଇଛନ୍ତି ଯେ, ଅମୃତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାର ୫୯ଟି ରେଳ ଷ୍ଟେସନର ପୁନଃବିକାଶ କରାଯାଉଛି, ଯେଉଁଥିରେ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ତାଳଚେର ଏବଂ ବାରିପଦା ଷ୍ଟେସନ ସାମିଲ ରହିଛି । ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଏକ ନୂତନ ଡିପିଆର ମଧ୍ୟ ପ୍ରସ୍ତୁତ କରାଯାଉଛି । ଓଡ଼ିଶାରେ ରେଳ ଭିତିଭୂମି ସୁଦୃଢ଼ କରିବା ଏବଂ ଆଂଚଳିକ ବିକାଶ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ସେ ପୁନର୍ବାର ଦୋହରାଇଛନ୍ତି ।





# ରାଜ୍ୟରେ ତୈଳ ସଙ୍କଟ ଆଦୌ ନାହିଁ

## ଭୟଭୀତ ହୋଇ ତେଲ କିଣନ୍ତୁ ନାହିଁ : ଯୋଗାଣ ସଚିବ

ଭୁବନେଶ୍ୱର: ଯୋଗାଣ ବିଭାଗ ପ୍ରମୁଖ ସଚିବ ତେଲ ସଙ୍କଟ ଉପରେ ବଡ଼ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ରାଜ୍ୟରେ ତେଲ ସଙ୍କଟ ଆଦୌ ନାହିଁ । ଭୟଭୀତ ହୋଇ ଆଦୌ ତେଲ କିଣନ୍ତୁ ନାହିଁ । ସେ ଆହୁରି କହିଛନ୍ତି ଯେ, ରାଜ୍ୟରେ ୨୦ରୁ ୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଦେଇଛି । ଡ୍ରାଏ ଆଉଟ ସ୍ଥିତି ମ୍ୟାନେଜମେଂଟର ଅଭାବ ଯୋଗୁ ଦେଖାଦେଇଛି । ସ୍ୱାଭାବିକ ସ୍ଥିତିରେ ବି ୨୦/୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଯାଏ ।ଏଭଳି ଡ୍ରାଏ ଆଉଟ ସ୍ଥିତିର ମନିଟରିଂ ଚାଲିଛି, ବ୍ୟବସ୍ଥା କରିବୁ । ସୂଚନାଥାଉକି, ରାଜ୍ୟରେ ଦିନେ ଦୁଇ ଦିନ ଭିତରେ ଯାତ୍ରୀବାହୀ ବସସେବା ସଂପୂର୍ଣ୍ଣ ଠପ ହୋଇଯିବ । ଏମିତି ଆଶଂକା ପ୍ରକାଶ କରିଛି ରାଜ୍ୟ ଘରୋଇ ବସ ମାଲିକ ସଂଘ । ସାରା ରାଜ୍ୟରେ ତେଲର ଉତ୍କଟ ସମସ୍ୟା । ଦେଖାଦେଇଛି । ଏଥିପାଇଁ ବାଧ୍ୟ ହୋଇ ଘରୋଇ ବସ ଚଳାଚଳ ବନ୍ଦ କରିବ ସଂଘ । ରାଜ୍ୟ ଘରୋଇ ବସ ମାଲିକ ସଙ୍ଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏପରି କହିଛନ୍ତି । ଏପଟେ ଯୋଗାଣ ବିଭାଗ ପ୍ରମୁଖ ସଚିବ କହିଛନ୍ତି, ଘରୋଇ ବସ ମାଲିକ ସଂଘର ଆଶଙ୍କା ଭିତିହୀନ, ବସ ଚାଲିବାରେ ଅସୁବିଧା ନାହିଁ ।



# ଓଡ଼ିଶାରେ ଜୁଲାଇ ୧ରୁ ତୃତୀୟ ପର୍ଯ୍ୟାୟ ଏସଆଇଆର

ନୂଆଦିଲ୍ଲୀ : ଭାରତର ନିର୍ବାଚନ ଆୟୋଗ ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଂଚଳର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜନଗଣନା ପାଇଁ ଚାଲିଥିବା ଗୃହ-ତାଲିକାକରଣ କାର୍ଯ୍ୟରେ ନିୟୋଜିତ ସାଧାରଣ କର୍ମଚାରୀଙ୍କୁ ବିଚାରକୁ ନେଇ ଏସଆଇଆରର ତୃତୀୟ ପର୍ଯ୍ୟାୟ ସ୍ଥିର କରାଯାଇଛି । ଏହା ସହିତ, ହିମାଚଳ ପ୍ରଦେଶ, ଜମ୍ମୁ ଏବଂ କାଶ୍ମୀର ଏବଂ ଲଦାଖ ବ୍ୟତୀତ ତୃତୀୟ ପର୍ଯ୍ୟାୟରେ ସମଗ୍ର ଦେଶରେ ଭୋଟର ତାଲିକାର ଏସଆଇଆର ସଂପୂର୍ଣ୍ଣ ହେବ । ଏହି ତିନୋଟି ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ପାଇଁ, ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ସମାପ୍ତି ଏବଂ ପାର୍ବତ୍ୟ ଓ ତୁଷାରାବୃତ ଅଂଚଳଗୁଡ଼ିକରେ ପାଣିପାଗ ପରିସ୍ଥିତିକୁ ବିଚାରକୁ ନେଇ ସ୍ୱତନ୍ତ୍ର ସଘନ ସଂଶୋଧନ ପରିଚାଳନାର କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ । ଏସଆଇଆର ତୃତୀୟ ପର୍ଯ୍ୟାୟରେ, ୩.୯୪ ଲକ୍ଷରୁ ଅଧିକ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ୩୬.୭୩ କୋଟି ଭୋଟରଙ୍କ ସହିତ ଆଲୋଚନା କରିବା ପାଇଁ ଘରକୁ ଘର ପରିଦର୍ଶନ କରିବେ । ସେମାନଙ୍କୁ ସହାୟତା କରିବା ପାଇଁ, ଗଣନା ପ୍ରକ୍ରିୟା ସମୟରେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ନିଯୁକ୍ତ ୩.୪୨ ଲକ୍ଷ ବୁଥ୍ ସ୍ତରୀୟ ଏଜେଂଟ (ବିଏଲଏ) ମଧ୍ୟ ଉପସ୍ଥିତ ରହିବେ । ଓଡ଼ିଶାରେ ୧୨ ମେ' ୨୦୨୬ ସୁଦ୍ଧା ମୋଟ ୩ କୋଟି ୩୪ ଲକ୍ଷ ୩୩ ହଜାର ୬୫୯ ଭୋଟର ଅଛନ୍ତି । ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବିଏଲଓ ଓ ୮୩୯୧ ଜଣ ବିଏଲଏ ଏସଆଇଆର୍ କାର୍ଯ୍ୟ ପରିଚାଳନା କରିବେ । ଓଡ଼ିଶା ପାଇଁ ଏସଆଇଆର୍ର ଯୋଗ୍ୟତା ତାରିଖ ୧ ଜୁଲାଇ ୨୦୨୬ ଥିବାବେଳେ ମେ'୨୦ରେ ପ୍ରସ୍ତୁତି, ତାଲିମ ଓ ମୁଦ୍ରଣ କାର୍ଯ୍ୟ ଅନୁଷ୍ଠିତ ହେବ । ଏହା ପରେ ୩୦ ମେ'ରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ବୁଲି ଭୋଟରଙ୍କ ସହ ଆଲୋଚନା କରିବେ । ଜୁନ ୨୮ ସୁଦ୍ଧା ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକର ସୁସଙ୍ଗଠିତ ପୁନର୍ଗଠନ କରାଯିବ । ଏହା ପରେ ଚିଠା ଭୋଟର ତାଲିକା ଜୁଲାଇ ୫ରେ ପ୍ରକାଶ ପାଇବ ଓ ଏହା ଉପରେ କୌଣସି ପ୍ରକାରର ଦାବି ଓ ଆପତି ୫ ଜୁଲାଇରୁ ୪ ଅଗଷ୍ଟ ମଧ୍ୟରେ ଦାଖଲ କରିହେବ । ଏସବୁ ଦାବି ଓ ଆପତିର ସମାଧାନ ନୋଟିସ ୫ ଜୁଲାଇରୁ ୨ ସେପ୍ଟେମ୍ବର ମଧ୍ୟରେ ପ୍ରକାଶ ହେବ । ଚୂଡାନ୍ତ ଭୋଟର ତାଲିକା ୬ ସେପ୍ଟେମ୍ବରରେ ପ୍ରକାଶ ପାଇବ । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ହେଉଛି ଏକ ସମାବେଶୀ ପ୍ରକ୍ରିୟା ଯେଉଁଥିରେ ଭୋଟର, ରାଜନୈତିକ ଦଳ ଏବଂ ନିର୍ବାଚନ ଅଧିକାରୀ ସମେତ ସମସ୍ତ ଅଂଶୀଦାର ସାମିଲ ରହନ୍ତି ।







# ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ତୃତୀୟ ସନ୍ଧ୍ୟା: ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ତୃତୀୟ ସନ୍ଧ୍ୟାରେ ବର ବାଇମୁଣ୍ଡି ଦାସ ତାଙ୍କର ନବ ବିବାହିତା ପତ୍ନୀ ମଣିଙ୍କୁ ନେଇ ଖ୍ରୀଷ୍ଟିଆନ ପଡିଆକୁ ଫେରି ଆସିଛନ୍ତି ଓ ବୋହୂ ବେଦୀରେ ଉଭୟେ ସମସ୍ତଙ୍କୁ ଦର୍ଶନ ଦେଉଛନ୍ତି । ନବବଧୂର ମୁହଁକୁ ଦେଖି ବାଲେଶ୍ୱର ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଦର୍ଶନାର୍ଥୀ ମୁହଁଚାହାଁ ବାକ୍ସରେ ମୁହଁଚାହାଁ ପ୍ରଦାନ କରୁଛନ୍ତି । ନବବଧୂର ଆଗମନରେ ଶାଶୁଘରର ଶତାଧିକ ମହିଳା ପାଦରେ ଅଳତା ନାଇଁ ସ୍ୱାଗତ କରିଥିଲେ ।

ସାନ୍ଧ୍ୟ ଅଧିବେଶନକୁ ଡ଼ଃ କାଳିକିଙ୍କର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା ଯାହାର ସଭାପତିତ୍ୱ ଆସନ ଅଳଙ୍କୃତ କରିଥିଲେ ଇଂ ହୃଷୀକେଶ ସାହୁ ।ଇଂ ହୃଷିକେଶ ସାହୁ ତଥା ଡ଼ଃ କାଳିକିଙ୍କର ଦାସ କହିଥିଲେ ଯେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ସାମାଜିକ ସୌହାର୍ଦ୍ଦ୍ୟ ଓ ପାରମ୍ପରିକ ମୂଲ୍ୟବୋଧର ନବ ଜାଗରଣ ଏହି ବାଲେଶ୍ୱର ମାଟିରେ ସୃଷ୍ଟି କରିଛି । ମୁଖ୍ୟ ଅତିଥୀ ଭାବେ ବିଶିଷ୍ଟ ଲେଖକ ତଥା ଭୋଗରାଇର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଗୌତମବୁଦ୍ଧ ଦାସ ଯୋଗଦେଇ କହିଲେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର କମିଟି ଆଜି ଓଡ଼ିଶାର ପ୍ରମୁଖ ଗଣପର୍ବ ଭାବରେ ନିଜକୁ ସ୍ଥାପିତ କରିପାରିଛି ଏଥିପାଇଁ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଧନ୍ୟବାଦର ପାତ୍ର । ଆମ ବାଲେଶ୍ୱର ହେଲା ଫକୀରମୋହନଙ୍କର ମାଟି ଓ ସ୍ୱାଭିମାନର ମାଟି । ଏ ମାଟିର ଲୋକକଳା, ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ ଅନନ୍ୟ । ମୁଖ୍ୟବକ୍ତା ଭାବରେ କବି ପ୍ରଶାନ୍ତ ଦାସ କହିଲେ ଯେ ଲୋକ କଳା ଓ ଲୋକ ସଂସ୍କୃତିର ସୌନ୍ଦର୍ଯ୍ୟରୁ ସୁନ୍ଦର ହୁଏ ଆମର ଏ ସମାଜ ଯେଉଁ ବାର୍ତ୍ତା ଦେଉଛି ଆମର ଗର୍ବ ଓ ଗୌରବ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ । ବାହାଘର କମିଟିର ସଦସ୍ୟ ଚନ୍ଦନା ସ୍ୱାଇଁ ମଂଚ ଆହ୍ୱାନ କରିଥିଲାବେଳେ ଶ୍ରୀଯୁକ୍ତ ରାଜେଶ କୁମାର ଗିରି ଜଉକଣ୍ଢେଇ ବାହାଘର ଉତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିଲେ । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ । ଭଦ୍ରକର ମୋଗଲ ତାମସା, ଏଡ଼ିଏସ ଫେସନ ଶୋ, ଶଙ୍କର ନୃତ୍ୟ ଏକାଡେମୀ, ମାଆ ମଙ୍ଗଳା ନୃତ୍ୟ ଅନୁଷ୍ଠାନ ଆଦି ଅନୁଷ୍ଠାନର ଶିଳ୍ପୀମାନଙ୍କର ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା । ଓଡିଶା ସରକାର ତଥା ଓଡିଶା ସରକାରଙ୍କର ଓରମାସ, ହସ୍ତଶିଳ୍ପ ବିଭାଗ ଆଦିର ସହାୟତାରେ ଲାଗିଥିବା ପ୍ରଦର୍ଶନୀରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା ।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା ପାଇଁ ନିଷ୍ପତି

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱରରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗତ ୪ ବର୍ଷ ତଳେ ଗଠିତ କ୍ରିୟାନୁଷ୍ଠାନ କମିଟିର ମାସିକ ବୈଠକରେ ଆସନ୍ତା ୨୦ ତାରିଖ ବୁଧବାର ଦିନ ଔପଦା ବ୍ଲକ୍ ସମ୍ମୁଖରେ ସ୍ଥାନୀୟ କୃଷକ ଓ ବିଭିନ୍ନ ଗଣସଂଗଠନ ସହଯୋଗରେ ଏକ ପ୍ରତୀକ ଗଣଧାରଣା ଅନୁଷ୍ଠିତ ହେବ । ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପ୍ତି ନିଆଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମ୍ମୁଖରେ ଗଣଧାରଣା ସହ ସଂପୃକ୍ତ ବ୍ଲକ୍‌ର ବି.ଡି.ଓ.ଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଛି ।



ଏହି ବୈଠକରେ ସର୍ବଶ୍ରୀ ନିରଞ୍ଜନ ପରିଡ଼ା, ଭାସ୍କର ଚନ୍ଦ୍ର ପାଢ଼ୀ, ଲକ୍ଷ୍ମଣ ବିଶ୍ୱାଳ, ସୁରେନ୍ଦ୍ର ଦୀକ୍ଷିତ, ରବିନାରାୟଣ ଭୋଳ, ଡା. ତାରାକାନ୍ତ ନନ୍ଦ, ଡ. କ୍ଷିତୀଶ୍ୱର ଦାଶ, ଅକ୍ଷୟ ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ ଓ ଗୋବିନ୍ଦ ଚନ୍ଦ୍ର ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କର ବାଲେଶ୍ୱର ପ୍ରତି ବୈମାତୃକ ଭାବ କାରଣରୁ ଉଦ୍‌ବେଗ ପ୍ରକାଶ କରିଥିଲେ । ଦଳମତ ନିର୍ବିଶେଷରେ କୃଷି ଓ କୃଷକର ସ୍ୱାର୍ଥ ପାଇଁ ଆସନ୍ତା ୨୦ ତାରିଖ ଗଣଧାରଣାରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି । ସୀତାରାମ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ପଶ୍ଚିମବଙ୍ଗରେ ସରକାର ପରିବର୍ତ୍ତନକୁ ନେଇ ନାନୋବାସ୍ତୁବିଦ୍ ଇଂ. ପ୍ରଦୀପ ପଟ୍ଟନାୟକଙ୍କ ଭବିଷ୍ୟବାଣୀ ଚର୍ଚ୍ଚାରେ

ବାଲେଶ୍ୱର, (ନି.ପ୍ର.): ଚଳିତ ବର୍ଷ ମାର୍ଚ୍ଚ ୩ ତାରିଖରେ ସଂଘଟିତ ଚନ୍ଦ୍ରଗ୍ରହଣର ପ୍ରଭାବକୁ ନେଇ ନନ୍ଦିଘୋଷ ଟିଭିରେ ଆୟୋଜିତ ଏକ ଲାଇଭ୍ ଆଲୋଚନା ଚକ୍ରରେ ବିଶିଷ୍ଟ ଜ୍ୟୋତିର୍ବିଦ୍, ମହାକାଶ ବିଜ୍ଞାନୀ ଓ ଗବେଷକମାନେ ଯୋଗ ଦେଇଥିଲେ । ଏହି ଆଲୋଚନାରେ ବାଲେଶ୍ୱରସ୍ଥିତ ଇଣ୍ଡିଆ ବାସ୍ତୁ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା, ସଂସ୍କୃତି ଗବେଷକ ଏବଂ ନାନୋବାସ୍ତୁବିଦ୍ ଇଞ୍ଜିନିୟର ପ୍ରଦୀପ ପଟ୍ଟନାୟକ ମଧ୍ୟ ଅଂଶଗ୍ରହଣ କରିଥିଲେ । ଚନ୍ଦ୍ରଗ୍ରହଣର ପ୍ରଭାବ ସମ୍ପର୍କିତ ଏକ ପ୍ରଶ୍ନର ଉତର ଦେଇ ଇଂ. ପଟ୍ଟନାୟକ ଗୌତମ ମୁନିଙ୍କ ‘ସଂହିତା ବିଚାର’ରୁ ଏକ ସଂସ୍କୃତ ଶ୍ଳୋକ ଉଦ୍ଧୃତ କରି ପଶ୍ଚିମବଙ୍ଗରେ ସରକାରୀ ପରିବର୍ତ୍ତନ ହେବାର ସମ୍ଭାବନା ବ୍ୟକ୍ତ କରିଥିଲେ । ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିକୁ ନେଇ ତାଙ୍କର ଏହି ଭବିଷ୍ୟବାଣୀ ଏବେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଛି ।ଏହା ପୂର୍ବରୁ ମଧ ୨୦୨୨ ମସିହା ନଭେମ୍ବର ୮ ତାରିଖରେ ଚନ୍ଦ୍ରଗ୍ରହଣକୁ ନେଇ ନନ୍ଦିଘୋଷ ଟିଭିରେ ପ୍ରସାରିତ ଅନ୍ୟ ଏକ ଲାଇଭ୍ କାର୍ଯ୍ୟକ୍ରମରେ ସେ ଦକ୍ଷିଣ ଭାରତ, ବିଶେଷକରି କର୍ଣ୍ଣାଟକରେ ରାଜନୈତିକ ପରିବର୍ତ୍ତନର ସମ୍ଭାବନା ନେଇ ମତ ପ୍ରକାଶ କରିଥିଲେ, ଯାହା ପରବର୍ତୀ ସମୟରେ ସତ୍ୟ ପ୍ରମାଣିତ ହୋଇଥିବା କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଇଂ. ପଟ୍ଟନାୟକ ବାଲେଶ୍ୱରର ନୂଆସାହିସ୍ଥିତ ଓଲା ଶୋ’ରୁମର ଉପର ମହଲାରେ ଏକ ନାନୋବାସ୍ତୁ ପାଠଶାଳା ସ୍ଥାପନ କରିଛନ୍ତି । ଏଠାରେ ସେ ନାନୋବାସ୍ତୁ ଓ ଆଧୁନିକ ବାସ୍ତୁ



ବିଷୟରେ ଶିକ୍ଷା ପ୍ରଦାନ କରିବା ସହ ସାଧାରଣ ଲୋକଙ୍କୁ ଜାତକ ପରାମର୍ଶ ଓ ପ୍ରତିକାର ସେବା ଯୋଗାଇ ଆସୁଛନ୍ତି ।

# ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ଛାତ୍ର ଓ ଯୁବ ବିଜେଡିର ବଡ଼ ବିକ୍ଷୋଭ

ବାଲେଶ୍ୱର, (ନି.ପ୍ର.): ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ବାଲେଶ୍ୱର ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ ବଡ଼ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବାରମ୍ବାର ପ୍ରଶ୍ନପତ୍ର ଲିକ ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯିବା ସହ ତାଙ୍କର କୁଶ ପୁତଳିକା ଦାହ କରାଯାଇଛି । ସେହିପରି ଏନଟିଏର ପରୀକ୍ଷା ପରିଚାଳନାକୁ ନୀତିକୁ ଶତାଧିକ ଛାତ୍ର ଯୁବ ଉପସ୍ଥିତ ରହି ଜୋରଦାର ଧିକ୍କାର ଓ ନାରାବାଜି କରିଛନ୍ତି । ଫକୀର ମୋହନ



ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଯୁବ ନେତା ଭରତ ଭୂଷଣ ଦାସ ଓ ଯୁବ ନେତା ଉମାଶଙ୍କର ତିଆଡ଼ିଙ୍କ ନେତୃତ୍ୱରେ ତଥା ଟାଉନ ବିଜେଡି ସଭାପତି ମନୋଜ ରାଉତ ଓ ପୌର ଉପାଧ୍ୟକ୍ଷ କୈଳାଶ ସେଠୀଙ୍କ ପରିଚାଳନାରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବାଲେଶ୍ୱର ବିଜେଡି ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାରର ଛାତ୍ର ମାରଣ ନୀତି ବିରୁଦ୍ଧରେ ବର୍ଷିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତଳିକା ଦାହ କରିଥିଲେ । ଏହି ଅବସରରେ ବାଲେଶ୍ୱର ଟାଉନର ନେତୃତ୍ୱଙ୍କ ମଧ୍ୟରେ ସଞ୍ଜୟ ବେହେରା, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସେକ ଆୟୁବ, ରୀତିକ ଜୀ, ଅତୁଳ ଶତପଥୀ, କାଉନସିଲର ସନ୍ଧ୍ୟାରାଣୀ ଜେନା, ନଳିନୀ ରଞ୍ଜନ ଦାସ, ଛାତ୍ରନେତା ବିଭୁଦତ ପରିଡ଼ା, ସୁବ୍ରତ ବାଗ, ସୌଭାଗ୍ୟ ଖୁଣ୍ଟିଆ, ରାଜୀବ ନାୟକ, ସୀତାଂଶୁ ସେନାପତି, ଜ୍ୟୋତିପ୍ରକାଶ ଗିରି, ଜ୍ୟୋତିପ୍ରକାଶ ବେହେରା, ରାଧାଶ୍ୟମ କୁଣ୍ଡୁ, ଅଞ୍ଜିତା ଗିରି, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ରହି ନାରାବାଜି କରିବା ସହ କୁଶ ପୁତଳିକା ଦାହ କରିଥିଲେ ।

# ପାଳିତ ହେଲା ‘ସାଇନ୍‌ସ ଏୱାରନେସ୍ ଫୋରମ୍’ର ପ୍ରଥମ ସ୍ୱନକ୍ଷତ୍ର ଦିବସ



ବାଲେଶ୍ୱର(ନି.ପ୍ର.) ମଣିଷ ସମାଜର ମଙ୍ଗଳ ସହ ପ୍ରକୃତି ଓ ପରିବେଶର ସୁରକ୍ଷା ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସୃଷ୍ଟି ହୋଇଥିବା ‘ସାଇନ୍ସ ଏୱାରନେସ୍ ଫୋରମ୍ ?’ର ପ୍ରଥମ ଜନ୍ମଦିନ ଉତ୍ସବ ସ୍ଥାନୀୟ ବାଗବୃନ୍ଦାବନ ସ୍ଥିତ ‘ଶ୍ରୀ ଶିକ୍ଷା’ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟ (୨)ର ନବମ ଶ୍ରେଣୀର ଛାତ୍ରୀ ଏ.ଆର. ହଂସିନି ବୈଜ୍ଞାନିକ ଆଇନଷ୍ଟାଇନ୍‌ଙ୍କ ଫଟୋଚିତ୍ର ନିକଟରେ ‘ବିଜ୍ଞାନ ପ୍ରଦୀପ’ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍ ?ଘାଟନ କରିଥିଲେ । ‘ସାଇନ୍ସ ଏୱାରନେସ୍ ଫୋରୋମ୍’ର ମୁଖ୍ୟ କବି ପ୍ରଶାନ୍ତ ଦାସ ଉତ୍ସବ ପରିଚାଳନା କରି ଉତ୍ସବର ଆଭିମୁଖ୍ୟ ସଂପର୍କରେ କହିଲେ ଯେ, ବିଜ୍ଞାନର ଉପଯୁକ୍ତ ବ୍ୟବହାର ପୃଥିବୀ, ପ୍ରକୃତି, ପରିବେଶକୁ ସୁରକ୍ଷା ରକ୍ଷା କରି ମଣିଷ ସମାଜର ମଙ୍ଗଳର କାରଣ ହେବ ଓ ଦ୍ରବ୍ୟର ପୁନର୍ବ୍ୟବହାରକୁ ଦୃଷ୍ଟି ଦେଲେ ବହୁ ସମସ୍ୟାର ସମାଧାନ ହୋଇଯିବ’ । ଉକ୍ତ ବିଷୟରେ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ମଣିଷମାନଙ୍କ ଭିତରେ ସଚେତନ ?ତା ସୃଷ୍ଟି କରିବା ପାଇଁ ‘ଫୋରୋମ୍’ ବିଭିନ୍ନ ବିଜ୍ଞାନଭିତିକ କାର୍ଯ୍ୟକ୍ରମ ହାତକୁ ନେବ ।ଅତିଥି ଭାବେ ଝାଡ଼େଶ୍ୱର ବିଜ୍ଞାନ ବିଦ୍ୟାଳୟର ଅଧ୍ୟକ୍ଷ ତଥା ’ଫୋରମ’ ସଭାପତି ଡ. ସମର ବଲ୍ଲଭ ଭୋଇ, ଆବାହକ, ବିଜ୍ଞାନ ଲେଖକ ଓ ଶିକ୍ଷକ ପଦ୍ମଲୋଚନ ପ୍ରଧାନ ଯୋଗଦାନ କରି ବର୍ତମାନ ସମୟରେ ବିଜ୍ଞାନର ବ୍ୟବହାର ନକରାତ୍ମକ ପ୍ରଭାବ ପ୍ରକୃତି ଓ ପରିବେଶକୁ ଦୂଷିତ କରି ପୃଥିବୀରେ ବାସ କରୁଥିବା ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି’ । ‘ଫୋରମ୍’ର ସଂପାଦକ ସାଇ ଶିଶୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ‘ବିଦ୍ୟାର୍ଥୀ ଫାଉଣ୍ଡେସନ୍’ର ପ୍ରତିଷ୍ଠାତା ବିପ୍ଳବ ଦାସ ମହାପାତ୍ର ଯୋଗ ଦେଇଥିଲେ । ଶେଷରେ ମେଧାବୀ ବିଜ୍ଞାନ ଛାତ୍ର ଓ ‘ଫୋରମ୍’ର ସଂଯୋଜକ ରାଧାବଲ୍ଲଭ ଦଳାଇ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଧାରିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଓ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଓ ଅବଦୁଲ୍ କାଲାମ୍‌ଙ୍କ ଜୟନ୍ତୀରେ ଜଣେ ବିଜ୍ଞାନ ଲେଖକ ଓ ମେଧାବୀ ଛାତ୍ର/ଛାତ୍ରୀଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ ।

## ନବୀନଙ୍କୁ ସାକ୍ଷାତ କଲେ ବାଲେଶ୍ୱର ବିଜେଡ଼ି ନେତୃମଣ୍ଡଳୀ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ବିଜୁ ଜନତା ଦଳର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଯଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଡ. ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଗିରିଶ ଚନ୍ଦ୍ର ଦାସଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତାମାନେ ବିଜୁ ଜନତା ଦଳର ସୁପ୍ରିମୋ ତଥା ପୂର୍ବତନ ସଭାପତି ନବୀନ ପଟ୍ଟନାୟକଙ୍କୁ



ଭେଟି ୨୦୨୭ ପଂଚାୟତ ନିର୍ବାଚନ ପାଇଁ ଏବେଠାରୁ ଦଳୀୟ କର୍ମକର୍ତା ତୃଣମୂଳସ୍ତରରେ ଜନସାଧାରଣଙ୍କ ସହ ସମ୍ପର୍କ ରଖି ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି ନବୀନ ପଟ୍ଟନାୟକ ।

## ଲୁଟେରା ଜେଲରେ: ରିକୋଭରି ସାମଗ୍ରୀ ପୋଲିସ ପ୍ରଦାନ କରିବ କେବେ ?

ବାଲେଶ୍ୱର(ନି.ପ୍ର.) ଗତ ୧୪.୪.୨୬ ମଙ୍ଗଳବାର ୧ଟା ୪୦ମିନିଟ୍ ସମୟରେ ଫକୀରମୋହନନଗର ଚାରିଛକ ନକଟରେ ସଚ୍ଚିନ୍ଦ୍ର ଦାସଙ୍କ ବାସଭବନରେ ଚୋରି ହୋଇଥିଲା । ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ ହେବାରୁ ଥାନା ପକ୍ଷରୁ ୨୨୬/୨୬ ମାମଲା ରୁଜୁ ହୋଇ ଏଏସଆଇ ବି.କେ.ଜେନାଙ୍କୁ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା । ଚୋରି ହେବାର ୨/୩ଦିନ ପରେ ସଦର ପୋଲିସ ଏସଡିପିଓଙ୍କ ମାଧ୍ୟମରେ ସଚ୍ଚିନ୍ଦ୍ରଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯେଉଁମାନଙ୍କର ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା ସେମାନଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହେବା, ପୋଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସଚିତନ୍ଦ୍ର ବାବୁଙ୍କର ନାମ ଦିଆଯାଇ ସମସ୍ତ ଚୋରି ସାମଗ୍ରୀ ଜବତ ହୋଇଥିବା ଓ ପର୍ଯ୍ୟାୟକ୍ରମେ କିଛି ବ୍ୟକ୍ତିଙ୍କୁ ରିକୋଭରି ସାମଗ୍ରୀ ଦିଆଯାଇଥିଲା ବେଳେ ସଚ୍ଚିନ୍ଦ୍ର ଦାସଙ୍କୁ ଏଯାଏଁ ତାଙ୍କର ସୁନା ଚୁଡ଼ି ୩ଭରି, ପଲା ୧ଭରି, ବଳା ୧ଗ୍ରାମ ୨ଟା, ରୁପା ପାଉଁଜି ୨୪ଗ୍ରାମ ୧ହଳ, ପୁରୁଣା ରୁପା ପାଉଁଜି ୪ହଳ, ରୁପା କଏନ୧୧ଟା, ୫ଟା ବଡ ଏବଂ ମୋବାଇଲ ୪ଟା ଓ ପାୱାରବ୍ୟାଙ୍କ ୪ଟା ଏଯାଏଁ ପୋଲିସ ସଚିନ୍ଦ୍ରଙ୍କୁ ଫେରାଉନାହାଁନ୍ତି । ଯାହାଫଳରେ ସେ ମ୍ରିୟମାଣ ହୋଇପଡ଼ିଛନ୍ତି ।

## ଅଳଙ୍କୃତ ଇଗ୍ନାଇଟ୍ ୨୦୨୬ କାର୍ଯ୍ୟକ୍ରମରେ ଅର୍ଚ୍ଚିଶାଙ୍କ ଚମତ୍କାର ସଫଳତା

### ଶ୍ରୀ ଶ୍ରୀ ୟୁନିଭର୍ସିଟିରେ ପ୍ରଥମ ୟୁନିଭର୍ସିଟି ଏଂଟିରେ ପାଇଲେ ବଡ଼ ସଫଳତା

ବାଲେଶ୍ୱର,(ନି.ପ୍ର.): ଯୁବ ସୃଜନଶୀଳ ପ୍ରତିଭା ଅର୍ଚ୍ଚିଶା (ରୋଲି) ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ’ଅଳଙ୍କୃତ ଇଗ୍ନାଇଟ୍ ୨୦୨୬’ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଏହାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଥିଲା । କାର୍ଯ୍ୟକ୍ରମ ସମୟରେ ୟୁନିଭର୍ସିଟି ପରିସର ଉତ୍ସାହ ଓ ଉଦ୍ଦୀପନାରେ ମୁଖରିତ ହୋଇ ଉଠିଥିଲା । ପ୍ରତିଭାଗୀମାନେ ଉତ୍ସାହର ସହିତ ଏହି ପ୍ରମୁଖ କ୍ରିଏଟିଭ୍ ୱର୍କଶପ୍ ?ରେ ଅଂଶଗ୍ରହଣ କରିଥିଲେ । ପ୍ରଥମଥର ପାଇଁ ୟୁନିଭର୍ସିଟିରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ଓ ଦର୍ଶକମାନଙ୍କ ଠାରୁ ବିପୁଳ ଉତ୍ସାହ ଓ ସ୍ୱୀକୃତି ମିଳିଥିଲା ।




ଥର୍ମୋକଲ୍ ? ଦ୍ୱାରା ବ୍ଲକ୍-ବାଇ-ବ୍ଲକ୍ ସୃଜନଶୀଳ ପ୍ରତିଯୋଗିତାରେ ଅର୍ଚ୍ଚିଶା ନିର୍ଣ୍ଣାୟକ ଭୂମିକାରେ ଥିଲେ ଓ ପ୍ରତିଭାଗୀମାନଙ୍କୁ ବେଶ୍ ପ୍ରଭାବିତ କରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଚ୍ୟାଲେଞ୍ଜରେ ସଠିକତା, ଧୈର୍ଯ୍ୟ, ଗତି ଓ ସୃଜନଶୀଳ ଚିନ୍ତନର ଆବଶ୍ୟକତା ଥିଲାବେଳେ ଅର୍ଚ୍ଚିଶା ଏହାକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ । ଚାପପୂର୍ଣ୍ଣ ପରିସ୍ଥିତି ଓ କଠିନ ସାମଗ୍ରୀ ସତ୍ତ୍ୱେ ଅର୍ଚ୍ଚିଶାଙ୍କ କଳାତ୍ମକ ପ୍ରଦର୍ଶନ ଓ ସ୍ଥାପତ୍ୟ ଶୈଳୀପୂର୍ଣ୍ଣ କଳ୍ପନାଶକ୍ତି ସମସ୍ତଙ୍କ ଠାରୁ ଅଲଗା ଭାବେ ଉଭାସିତ ହୋଇଥିଲା । ଏହାର ଫଳସ୍ୱରୂପ ସେ ପ୍ରଥମ ସ୍ଥାନ ହାସଲ କରି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲେ । କାର୍ଯ୍ୟକ୍ରମର ସମାପନୀ ଅଧିବେଶନରେ ଅର୍ଚ୍ଚିଶା ମଂଚ ଉପରେ ହଠାତ୍ ଦିଆ ଯାଇଥିବା ଡାନ୍ସ ଚ୍ୟାଲେଞ୍ଜକୁ ଆତ୍ମବିଶ୍ୱାସର ସହିତ ଗ୍ରହଣ କରିଥିଲେ । ତାଙ୍କର ଉତ୍ସାହଭରା ନୃତ୍ୟ ପ୍ରଦର୍ଶନ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ଏବଂ ଶେଷରେ ସମଗ୍ର ସଭାଗୃହ ତାଳି ଓ ଉତ୍ସାହପୂର୍ଣ୍ଣ ଅଭିବାଦନରେ ଗୁଞ୍ଜରି ଉଠିଥିଲା । ପ୍ରତିଭାଗୀମାନେ ଏହି ପ୍ରଦର୍ଶନକୁ କାର୍ଯ୍ୟକ୍ରମର “ନିଖୁଣ ସମାପନ” ବୋଲି ବର୍ଣ୍ଣନା କରିଥିଲେ, ଯାହା ଏହି କର୍ମଶାଳାକୁ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ଯୁବ ପ୍ରତିଭାର ଉତ୍ସବରେ ପରିଣତ କରିଥିଲା । ଅର୍ଚ୍ଚିଶା ପାଣିଗ୍ରାହୀ (ରୋଲି) ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଝିଅ । ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଓ ୟୁନିଭର୍ସିଟି ମଂଚରେ ପ୍ରାପ୍ତ ପରିଚୟ ଓ ହଫଳତାକୁ ନେଇ ତାଙ୍କର ପିତାମାତା ଅରୁଣାଂଶୁ ପାଣିଗ୍ରାହୀ ଓ ରୋନାଲିସା ପଣ୍ଡା ଗର୍ବ ଓ ଆନନ୍ଦ ପ୍ରକାଶ କରିଛନ୍ତି ।





ହୃଦୟ ବଡ଼ ନହେଲେ ଧନ ଅବା ସଂପତି କୁତ୍ସିତ ଭିକ୍ଷୁକ ତୁଲ୍ୟ ଲାଗେ ।

# ଆଜିକାଲି



କ୍ଲୈବ୍ୟଂ ମାସ୍ମ ଗମଃ ପାର୍ଥ ନୈତ[]ଯ୍ୟୁପପଦ୍ୟତେ
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋ[]ଷ୍ଠ ପରନ୍ତପ
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ :ହେ ଅର୍ଜ୍ଜୁନ ! ତୁମ ପରି ମହାବୀର ପକ୍ଷରେ ଏପରି କାତର ହେବା ଅନୁଚିତ । ହେ ଶତ୍ରୁତାପନ ! ତୁମେ ଦୁର୍ବଳତା ତ୍ୟାଗ କରି ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଯାଅ

## ବିଶ୍ୱକୁ ଗ୍ରାସ କରୁଛି ମଧୁମେହ

କ୍ୟାନସର, ହୃଦରୋଗ , କିଡ୍‌ନୀ ପ୍ରଭୃତି ରୋଗରେ ପ୍ରତିବର୍ଷ ସାରା ବିଶ୍ୱରେ କୋଟି କୋଟି ଲୋକ ପ୍ରାଣ ହରାଉଛନ୍ତି । ଯଦିଓ ଏହାର ଚିକିତ୍ସା ପ୍ରଣାଳୀ ଦିନକୁ ଦିନ ଉନ୍ନତି ହେଉଛି ତଥାପି ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି । କିନ୍ତୁ ଏବେ କିଛି ବର୍ଷ ହେଲା ମଧୁମେହ ବ୍ୟାଧି ସାରା ବିଶ୍ୱକୁ ଗ୍ରାସ କରିବାକୁ ବସିଲାଣି । ବିଶେଷ କରି ଆମ ଦେଶରେ ଏହି ରୋଗ ଅନ୍ୟ ଦେଶ ଅପେକ୍ଷା ବଢ଼ିବଢ଼ି ଚାଲିଛି । ଏବେ ଯାହା ଜଣାପଡ଼ିଛି ରାଜ୍ୟରେ ୪୦ଲକ୍ଷରୁ ଅଧିକ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ପ୍ରତି ଶତରେ ଦଶ ଜଣ ମଧୁମେହରେ ଆକ୍ରାନ୍ତ ହେଉଛନ୍ତି । ଏହି ରୋଗପାଇଁ ସେଭଳି କିଛି ଔଷଧ ସୃଷ୍ଟି ହୋଇ ନାହିଁ । ଯେଉଁ ଔଷଧ ବିକ୍ରି ହେଉଛି ସେଥିରେ ରୋଗ ଅଧିକ ନିୟନ୍ତ୍ରଣରେ ରହୁ ନାହିଁ । ସ୍ୱାସ୍ଥ୍ୟବିଶେଷଜ୍ଞ ମାନଙ୍କ ପରାମର୍ଶ ହେଲା ଏହି ରୋଗର ଭିତିଭୂମି ଅତ୍ୟନ୍ତ ଦୁର୍ବଳ ରହିବା ସଂଗେ ସଂଗେ ଡାକ୍ତରଙ୍କ ଅଭାବ ମଧ ରହିଛି । ଯଦି ମଧୁମେହ ରୋଗ ବ୍ୟାପିବ ତାହାଲେ ଏହି ରୋଗରୁ କିଡ୍‌ନୀ, ରକ୍ତଚାପ ସହ ହୃଦରୋଗ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଏହି ରୋଗର ପରାମର୍ଶ ପାଇଁ ୧ କୋଟି ୭୦ ଲକ୍ଷ ଡାକ୍ତରସେବା ଆବଶ୍ୟକ ଥିବା ବେଳେ ମାତ୍ର ୨୦ ଲକ୍ଷରେ ଏହା ସୀମିତ ରହୁଛି । ଫଳରେ ଉପଯୁକ୍ତ ଚିକିତ୍ସା ମିଳିଲେ ରୋଗୀ ଏହି ରୋଗରୁ ମୁକ୍ତି ପାଇ ପାରିବେ । ଗ୍ରାମାଂଚଳ ହେଉ କିମ୍ବା ସହରା[]ଳ ହେଉ ପ୍ରତ୍ୟେକ ସ୍ଥାନରେ ମଧୁମେହ ରୋଗୀଙ୍କ ସଂଖ୍ୟା କେବଳ ଦେଖିବାକୁ ମିଳୁଛି ତାହା ନୁହେଁ ସମସ୍ତ ସରକାରୀ / ବେସରକାରୀ ଚିକିତ୍ସାଳୟରେ ପ୍ରତ୍ୟହ ରୋଗୀଙ୍କ ଲମ୍ୱାଧାଡ଼ି ଲକ୍ଷ୍ୟ କରାଯାଉଛି ଏପରିକି ଏଲୋପାଥିକ ଚିକିତ୍ସାରେ ରୋଗ ଭଲ ନହେଲେ ରୋଗୀ ବାଧ୍ୟ ହୋଇ ଆୟୁର୍ବେଦିକ ଚିକିତ୍ସା ଉପରେ ନିର୍ଭର କରୁଛନ୍ତି । ଏହି ରୋଗରୁ ମୁକ୍ତ ହେବା ପାଇଁ ପ୍ରତ୍ୟେକ ରୋଗୀ ପ୍ରତ୍ୟହ ବିଭିନ୍ନ ପ୍ରକାର ବ୍ୟାୟାମ କରିବା ଏକମାତ୍ର ରାସ୍ତା । ବିଶେଷ କରି ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ଏବେ ଏ ରୋଗ ପାଇଁ ମାଧ୍ୟମ ହୋଇଛି । ମଧୁମେହ ରୋଗରେ ପୀଡ଼ିତ ହୁଅନ୍ତୁ ବା ନ ହୁଅନ୍ତୁ ଏହି ରୋଗ ଆଶଙ୍କାରେ ଏବେ ପ୍ରତ୍ୟେକ ଜାଗାରେ ୪୦ ବର୍ଷରୁ ଅଧିକ ଲୋକ ରାସ୍ତାମାନଙ୍କରେ ଘୂଲୁଥିବା ଲକ୍ଷ୍ୟ କରାଯାଉଛି । ଏହି ଦୃଶ୍ୟ ନିଶ୍ଚିତ ଭାବେ ବର୍ତ୍ତମାନ ସମୟରେ ମଧୁମେହ ରୋଗକୁ ସକ୍ଷମ ହେବ ବୋଲି ପ୍ରତ୍ୟେକ ଡାକ୍ତର ପରାମର୍ଶ ଦେଉଛନ୍ତି । ଏପରିକି ମଧୁମେହ ହେଲେ ମିଠା ଖାଇବା ସଂପୂର୍ଣ୍ଣ ଭାବେ ବନ୍ଦ ବୋଲି ପରାମର୍ଶ ମିଳୁଥିବା ବେଳେ ଲୋକେ କେତେକ କ୍ଷେତ୍ରରେ ମିଠା ବ୍ୟବହାର କରୁଥିବାରୁ ମଧୁମେହ କମିଥିଲେ ମଧ ପୁଣି ବଢ଼ୁଛି । କେବଳ ରାଜ୍ୟରେ ୪୦ ଲକ୍ଷ ନୁହଁନ୍ତି ସାରା ଦେଶରେ କେତେ କୋଟି ଲୋକ ମଧୁମେହରେ ଆକ୍ରାନ୍ତ ହେଉଛନ୍ତି ତାହା ନ କହିଲେ ଭଲ । ଏହି ଦୃଷ୍ଟିରୁ ମଧୁମେହ ରୋଗକୁ କିଭଳି ବିଭିନ୍ନ ଚିକିତ୍ସା ଦ୍ୱାରା ସୁସ୍ଥ ହେବେ ସେଥିପାଇଁ ଏବେଠୁ ସଜାଗ ରହିବା ଜରୁରୀ ।

## ଏକାଠି ଗୁନ୍ଥି ରଖନ୍ତୁ ପରିବାରକୁ



ଏକ ମାଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାର ସୂତା । ସମାଜରେ ଏହି ସୂତା ହେଉଛି ସଂସ୍କାର । ସଂସ୍କାର ନୈତିକ ଆଚରଣ ରଙ୍ଗରେ ରଙ୍ଗେଇ ହୋଇଥାଏ । ସମାଜରେ ଆସୁଥିବା ସବୁ ପରିବର୍ତ୍ତନ, ସଭ୍ୟତା ନାଁରେ ଆସୁଥିବା ପ୍ରଭାବ ସତ୍ତ୍ୱେ ଯଦି ସୂତାରେ ଗଣ୍ଠି ନପଡ଼େ ତାହେଲେ ଆମ ସମାଜ, ଆମ ସଭ୍ୟତାର ମାଳା ଅକ୍ଷୁର୍ଣ୍ଣ ରହିବ । ଏ କଥା ପରିବାର ସଂଖ୍ୟାରେ ବୃଦ୍ଧି, ସଦସ୍ୟ ମାନଙ୍କ ମଧ୍ୟରେ ତାଳମେଳର ଅଭାବ, ଚାପଗ୍ରସ୍ତ ବାତାବରଣ, ଦେବାର ଭାବନା ନ ରହିବ, ନିଜ ଖୁସି ଖୋଜିବାର ଆଗ୍ରହ, ସଦସ୍ୟ ମାନଙ୍କ ମଧ୍ୟରେ ବା[]ଳାପର ଅଭାବ, ଆଦି ନିରବରେ ଅନେକ କିଛି କରିଯାଏ । ଏହି ଛୋଟ ଛୋଟ କଥା ମଜଭୁତ ସୂତାକୁ କେତେ ବେଳେ ଦୁର୍ବଳ କରି ଦେଉଛି ସେ କଥା ବି ଜଣା ପଡ଼େନି ହେଲେ ସଂଧ୍ୟା ପୂର୍ବରୁ ଦୀପ ଲଗାଇ ଦେଲେ ଘର ଅନ୍ଧାର ହୁଏନି । ଏବେ ବି ସମୟ ହାତରୁ ଯାଇନି, ଗୋଟିଏ ପିଢ଼ି ପର ପିଢ଼ିକୁ ସଂସ୍କାର ହସ୍ତାନ୍ତର କରିପାରିବ ଉ[]ରାଧିକାର ସୂତ୍ରରେ । ତା ହେଲେ କ'ଣ କରିବେ? କ'ଣ କଲେ ପରିବାର - ସମାଜର ମାଳା ଗୋଟିଏ ସୂତ୍ରରେ ବାନ୍ଧି ହୋଇ ରହିବ ? ଆଜିର ବ୍ୟସ୍ତ ସମୟରେ ସମୟ ନାହିଁ କାହା ପାଖରେ । ତା ଭିତରେ ବି ସମୟ କାଢ଼ିବାକୁ ହେବ ପରିବାର ପାଇଁ, ପର ପିଢ଼ି ପାଇଁ । ପ୍ରଥମେ ଏଥିପାଇଁ ବାଛନ୍ତି ଦିନଟିଏ । ପିଲାଙ୍କ ଜନ୍ମ ଦିନ ଏମିତି ଏକ ଅବସର । ପୁରା ପରିବାର ଏକାଠି ଖୁସି ମନାଏ ଏ ଦିନରେ । ତେଣୁ ସମସ୍ତଙ୍କ ସହ ମିଶି ଏକ ରୀତି ପରି ପାଳନ କରନ୍ତୁ ଏ ଦିନକୁ । ଜନ୍ମ ଦିନରେ ବଡ଼ ମାନେ ଉପହାର ଓ ଆଶୀର୍ବାଦ ତ ଦିଅନ୍ତି । ହେଲେ ପ୍ରତିବର୍ଷ ପିଲାଙ୍କୁ ସଂସ୍କାରଟିଏ ମଧ ଉପହାର ଦିଅନ୍ତୁ । ବଡ଼ ମାନଙ୍କୁ ସମ୍ମାନ କରିବା ହେଉ କି ସମସ୍ତଙ୍କୁ ସାହାଯ୍ୟ କରିବା ହେଉ । ସବୁବେଳେ ସତ କହିବାର ଶିକ୍ଷା ହେଉ ବା ଠିକ୍ ସମୟରେ କାମ କରିବାର ଶିକ୍ଷା । ପିଲାର ବୟସ ଅନୁଯାୟୀ ସଂସ୍କାର ବାଛି ତାକୁ ଦିଆଯାଇ ପାରେ । ଆପଣ ଚାହିଁଲେ ଦୁଇ-ତିନି ସଂସ୍କାର ମଧ୍ୟରୁ ଗୋଟିଏକୁ ବାଛିବା ନିମନ୍ତେ ପିଲାକୁ ବିକଳ୍ପ ଦିଅନ୍ତୁ । ଏ ସମ୍ପର୍କରେ ଜନ୍ମ ଦିନରେ କିଛିଦିନ ଆଗରୁ ପରିବାରର ବଡ଼ମାନେ ବସି ବିଚାରବିମର୍ଶ କରିନେବା ଉଚିତ । ସଂସ୍କାରର ବିଭିନ୍ନ ବିକଳ୍ପ ମଧ୍ୟରୁ ଗୋଟିକୁ ବାଛିବା ନିମନ୍ତେ ପିଲାଙ୍କୁ କୁହନ୍ତୁ । ଏହାର ଲାଭ କ'ଣ ସେ କଥା ମଧ ପିଲାଙ୍କୁ ବୁଝାଇ ଦେବା ଦରକାର । ପିଲାମାନେ ପ୍ରତିଜ୍ଞା ଭୁଲି ଯାଆନ୍ତି । ସଂସ୍କାର ଓ ଏହାକୁ ପାଳନ କରିବା ନିମନ୍ତେ ପ୍ରତିଶ୍ରୁତି ପିଲା ନ ଭୁଲୁ ଏହା ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ । ସେ ଭୁଲି ନଯାଉ ଏଥିପାଇଁ ସବୁ ବଡ଼ମାନେ ତାକୁ ମଝିରେ ମଝିରେ ସ୍ନେହରେ ବୁଝାଇବା ଦରକାର । କହିବାର ଶୈଳୀ ଠିକ୍ ହେଲେ ପିଲାମାନେ କଥା ମାନନ୍ତି । ଭଲ ସଂସ୍କାର ପିଲା ମନରେ ଭଲ ବିଚାର ଆଣେ । ତାକୁ ବାଟବଣା ହେବାରୁ ରୋକେ, ଜୀବନ ଜୀଇଁବାର ଉପାୟ ଶିଖାଏ । ପିଲା ପରିବାର ଓ ସମାଜକୁ ଭଲପାଉ ଏଥିପାଇଁ ପ୍ରଥମରୁ ବାପ-ମାଆ ଯତ୍ନଶୀଳ ହେବା ଦରକାର । ମାସରେ ଥରେ ସେଇ ସହରରେ ରହୁଥିବା ସମ୍ପର୍କୀୟ ଘରକୁ ଯାଆନ୍ତୁ । ପିଲାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ସବୁ ପରିସ୍ଥିତିରେ ରକ୍ଷା କରନ୍ତୁ । ପୁଅ/ଝିଅ ବଡ଼ ହେବା ପରେ ରୋଷେଇ ଶିଖାନ୍ତୁ । ପିଲାମାନେ ଟିକେ ବଡ଼ ହେବା ପରେ ପରିବାରର ପ୍ରାଥମିକତା ସବୁଠୁ ଜରୁରୀ ବୋଲି ବୁଝାନ୍ତୁ । ଏହାଦ୍ୱାରା ସେମାନେ ବଡ଼ ହେବା ସହ ସମ୍ପର୍କରେ ମହତ୍ତ୍ୱ ବୁଝିବେ । ସ୍ଥିର କରନ୍ତୁ ଦିନରେ କେତେ ସମୟ ଆପଣ ମନୋରଞ୍ଜନର ଆନନ୍ଦ ନେବେ । ସମସ୍ତେ ନିଜ ନିଜ ରୁମ୍‌ରେ ଟିଭି ଦେଖିବା ବଦଳରେ ଏକାଠି ବସି କୌଣସି କାର୍ଯ୍ୟକ୍ରମ ଦେଖନ୍ତୁ । ସପ୍ତାହରେ ଏମିତି ଦିନଟିଏ ବାଛନ୍ତୁ ଯେଉଁଦିନ ପରିବାରର ସବୁ ସଦସ୍ୟ ଘରେ ଥିବେ । ସେ ଦିନରେ ବଡ଼ ମାନେ କୌଣସି ଶିକ୍ଷଣୀୟ ଗପ ପଢ଼ି ପିଲାଙ୍କୁ ଶୁଣାନ୍ତୁ ଓ ନିଜେ କିଛି ପଢ଼ନ୍ତୁ । ଏହାଦ୍ୱାରା ପିଲାଙ୍କର ବହି ପଢ଼ିବାର ଅଭ୍ୟସ୍ତ ବଢ଼ିବ । ପିଲାଙ୍କୁ ସମୟାନୁବର୍ତ୍ତୀ ହେବାକୁ ଶିଖାନ୍ତୁ । ଖେଳିବା ପାଇଁ ଯିବା ହେଉ ବା ହୋମ୍‌ୱାର୍କ କରିବା ହେଉ, ସବୁକିଛି ସମୟ ଭିତରେ ଶେଷ କରିବାକୁ କୁହନ୍ତୁ ।

# ବସୁଧୈବ କୁଟୁମ୍ବକମ୍...

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

## ଆନ୍ତର୍ଜାତୀୟ ପରିବାର ଦିବସ

*ପରିବାରର ଗୁରୁତ୍ୱକୁ ବୁଝିବା ଏବଂ ପାରିବାରିକ ଜୀବନ ଶୈଳୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୧୫ ତାରିଖକୁ ଅନ୍ତର୍ଜାତୀୟ ପରିବାର ଦିବସ ଭାବେ ପାଳନ କରାଯାଇଥାଏ । ୧୯୯୩ ମସିହାରେ ମିଳିତ ଜାତିସଂଘ ଏହି ଦିବସ ପାଳନକୁ ଅନୁମତି ପ୍ରଦାନ କରିଥିଲା । ସାରା ବିଶ୍ୱକୁ ଏକ ପରିବାର ଭାବେ ବିବେଚନା କରିବା ଏବଂ ପାରିବାରିକ ପରିବେଶ ବିକଶିତ କରି ସାମାଜିକ ବିକାଶରେ ସହାୟକ ହେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନକୁ ଜାତିସଂଘ ଜୋର ଦେଇ ଆସିଛି ।*

ପରିବାର, ମନୁଷ୍ୟର ଦେହ, ଗୃହ ଓ କୁଟୁମ୍ବରେ ଆସକ୍ତି ଚିନ୍ତନକୁ ନେଇ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି - 'ଦେହ କଳତ୍ର ସୁତ ଘର, ପଶୁ ଇତ୍ୟାଦି ବନ୍ଧୁ ମୋର । ମନକୁ ଏଣେ ଦୃଢ଼ କରେ, ସୁଖ ମଣଇ ଦୁଃଖ ଘୋରେ । ମଣଇ କୃତାର୍ଥ ହୋଇଲି, ଅନେକ ସୁଖ ମୁଁ ପାଇଲି । ମୋ ତୁଲ୍ୟ ନାହିଁ ଭାଗ୍ୟବନ୍ତ, କେ ଅଛି ମୋ ସମ ମହତ । ତହିଁରେ ଯେତେ ଦୁଃଖ ହୁଏ, ନ ବୁଝେ ପଡ଼ି ମାୟା ମୋହେ ।' ଉଦାର ଚି[] ବ୍ୟକ୍ତି ନିମି[] ଏ ସମ୍ପୂର୍ଣ୍ଣ ପୃଥିବୀ ଗୋଟିଏ କୁଟୁମ୍ବ ସଦୃଶ । ଉଦାର ବ୍ୟକ୍ତି ମୋର, ତୋର ବୋଲି କହି ନଥାନ୍ତି । ତାଙ୍କର ଜୀବନ ପର ସେବାରେ ନିୟୋଜିତ ରହେ । ଯେପରି ବୃକ୍ଷରେ ଫଳ ଆସିଲେ ନଇଁ ପଡ଼େ ତାହା ଅନ୍ୟର ସ୍ୱାର୍ଥରେ ଲାଗିଥାଏ, ଉଦାରବ୍ୟକ୍ତି କେବଳ ଅନ୍ୟର କଲ୍ୟାଣ ନିମି[] ଚେଷ୍ଟା କରନ୍ତି । ସାଧୁ ମହାମାନବ ଏବଂ ସଜ୍ଜନ ଗଣ ବୃକ୍ଷ ସଦୃଶ । ବୃକ୍ଷ ନିଜେ ବହୁ କଷ୍ଟ ସ୍ୱୀକାରକରି ଫଳ ଧରେ ସେହି ଫଳକୁ ନିଜେ ଖାଏନା, ଅନ୍ୟକୁ ଦିଏ । ସେମିତି ଉଦାର ବ୍ୟକ୍ତିମାନେ ନିଜେ କଷ୍ଟ ସହି ଅନ୍ୟର ଉପକାର କରିଥାନ୍ତି । ଯେପରି ଫଳିଥିବା ବୃକ୍ଷକୁ ପଥର ଫିଙ୍ଗିଲେ ସେ ପଥର ମାଡ ସହି ମଧ ଫଳଦାନ କରିଥାଏ, ହିଂସାର ଉତର ହିଂସା ନୁହେଁ କ୍ଷମା । ପରାର୍ଥେ ପ୍ରାଜ୍ଞ ପ୍ରାଣ ଉତ୍ସୃଜେତ୍ । କ୍ଷମା ହେଉଛି ମହତ୍ ଲୋକର ଲକ୍ଷଣ । କ୍ଷମା ଅର୍ଥ ଦୁର୍ବଳତା ବା ଭୀରୁତା ନୁହେଁ, କ୍ଷମାର ଅର୍ଥ ଉଦାରତା ଏବଂ ସହିଷ୍ଣୁତା । ଉଦାର ମନୁଷ୍ୟ ନିମି[] ଧନ, ବୀର ପୁରୁଷଙ୍କ ନିମି[] ମୃତ୍ୟୁ, ବିରକ୍ତଙ୍କ ନିମି[] ସ୍ତ୍ରୀ ଓ ନିସ୍ପୃହଙ୍କ ନିମି[] ସଂସାର ତୃଣ ସମାନ ବୋଧ ହୁଏ । ଅର୍ଥାତ୍ ଅତି ତୁଚ୍ଛ ଅଟେ । ଉଦାର ବ୍ୟକ୍ତି ପରର ନିନ୍ଦାକୁ ମୂକ, ପରଦୋଷ ଦେଖିବାରେ ଅନ୍ଧ, ଚୁଗୁଲି କରିବାରେ ବଧିର ଭଳି ହୋଇ ଥାଆନ୍ତି । ପରନିନ୍ଦା କରିବା ଅର୍ଥ ପରର ଦୋଷକୁ କୁଢ଼ାଇ ଆଣି ନିଜେ କଳଙ୍କିତ ହେବା । ଚନ୍ଦନ ବୃକ୍ଷକୁ କୁରାଢ଼ିରେ କାଟିଲେ ଯେପିର କାଟିବା ଯନ୍ତ୍ରକୁ ସେ ବାସ





ବିତରଣ କରେ ବରଂ ବାରଣ କରେ ନାହିଁ ଯେ ମୋତେ କାଟିଛି ଯାକୁ ବାସ୍ନା ଦେବି ନାହିଁ, ସେହିପରି ଉଦାର ବ୍ୟକ୍ତିର ଅହିତ କରୁଥିବା ଲୋକକୁ କ୍ଷମାପ୍ରଦାନ କରନ୍ତି ଏବଂ ଭଲ ପାଇଥାଆନ୍ତି । ଯେପରି ଦାନବୀର କର୍ଣ୍ଣ ଜାଣିଥିଲେ କୁଣ୍ଡଳଟି ଚାଲିଗଲେ ମୃତ୍ୟୁ ସୁନିଶ୍ଚିତ ତଥାପି ନିଜର କୁଣ୍ଡଳକୁ, ଦାନ କରିଛନ୍ତି । ସେହିପରି ଶିବିରାଜା ଗୋଟିଏ ପକ୍ଷୀକୁ ବଂଚାଇବାକୁ ଯାଇ ନିଜର ମାଂସକୁ ମଧ ପ୍ରଦାନ କରିଥିଲେ । ଦେବତାମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ ଦଧିଚୀ ଋଷି ନିଜର ଶରୀରକୁ ତିଳ ତିଳ କରି କ୍ଷୟ କରିଥିଲେ ଏବଂ ନିଜର ଅସ୍ଥିକୁ ସମଗ୍ର ଜଗତ ପାଇଁ ଦାନ କରିଥିଲେ । ଯେଉଁ ଅସ୍ଥିରୁ ଜୀମୂତ ବାହନ ଇନ୍ଦ୍ରଙ୍କ ବଜ୍ରନିର୍ମିତ ହୋଇଥିଲା । ସାରା ସଂସାରରେ ମହାତ୍ମାଙ୍କ ନିକଟରେ କିଛି ଅଦେୟ ନଥାଏ । ବିଶ୍ୱାସ ପରି ଆଉ ସିଦ୍ଧି ନାହିଁ ଓ ଜ୍ଞାନ ପରି ଆଉ ଦୃଷ୍ଟି ନାହିଁ । ଲୋଭୀ ଲୋକ ଧନଲୋଭରେ ପଡ଼ି ସମସ୍ତ ଧନ ସମ୍ପତିକୁ ମାଟିରେ ପୋତି ଦେଇଥାଏ । ସେହି ଧନ ତା ନିଜ କାର୍ଯ୍ୟରେ ଲାଗେ ନାହିଁ କିମ୍ବା ଅନ୍ୟର ଉପକାରରେ ମଧ ଲାଗେନାହିଁ । କିନ୍ତୁ ଯିଏ ଦାତା, ଜୀବନରେ ଅନ୍ୟର ଉପକାର କରି ନିଃସ୍ୱ ହୋଇଯାଇଥାଏ । ତଥାପି ତା'ର ମନ ଅତି ଆନନ୍ଦିତ । କାରଣ ତାର ଧନ ଅନ୍ୟର ଉପକାରରେ ଲାଗିଲା । ସେ ଭାବେ ଦାତା ଏକ ରାମ ଔର ଭିକାରୀ ସାରେ ଦୁନିଆଁ । ସବକୋ ଦେତା ହୈ ଏକହି ଦାତା । ତେଣୁ ସେ ତା'ର ଧନକୁ ଦାନକରି ଆନନ୍ଦ ପାଇଥାଏ । ଆଜି ମନୁଷ୍ୟ ମଧ୍ୟରେ ସ୍ୱାର୍ଥପର ଶୈତାନ୍ ବସିଥିବାରୁ ସେ ହିଂସା, ଈର୍ଷା ଏବଂ ଅନ୍ୟର କ୍ଷତିକରିବାକୁ ପଶ୍ଚାତ୍‌ପଦ ହେଉ ନାହିଁ । ତା'ର ଯେତିକି ଆବଶ୍ୟକ ତା'ଠାରୁ ବହୁଗୁଣ ଅଧିକ ସମ୍ପତି ଠୁଳ କରୁଛି । ପାପ ଅର୍ଜିତ ସେହି ସମ୍ପତିକୁ ସୁରକ୍ଷା କରିବାକୁ ଯାଇ ସରକାର ହାତରେ ଧରାପଡୁଛି । କେତେ ନିନ୍ଦା, କେତେ କଳଙ୍କର ଟୀକା ତାକୁ ବହନ କରିବାକୁ ପଡୁଛି । ମଣିଷ ଭାବେ ସମ୍ପତି ନେଇ ସେ ସୁଖି ହେବ କିନ୍ତୁ ଯେଉଁ ସମ୍ପତିକୁ ସେ ସୁଖର କାରଣ ଭାବେ ତାହା ଦିନେ ଦୁଃଖର କାରଣ ହୋଇ ଠିଆହୁଏ । ସମ୍ପତିକୁ ଠୁଳକରିଥିବା ମଣିଷଟି ନା ଶାନ୍ତିରେ ଶୋଇପାରେ ନା ଶାନ୍ତିରେ ଭୋଜନ କରିପାରେ । ମନଟି ତାର ସର୍ବଦା ଥାଏ ସମ୍ପତି ପାଖରେ । ଯେତେବେଳେ ମନ ଈଶ୍ୱର ବା ସତ୍ ଚିନ୍ତନରୁ ଓହରିଯାଇ ବିଷୟରେ ଲାଗିଯାଏ ସେତେବେଳେ ଯାବତୀୟ ଅଶାନ୍ତି ଆସିଥାଏ । ମଣିଷର ଲୋଭ ପ୍ରବୃତି ହିଁ ତା' ଅଶାନ୍ତିର ମୂଳ କାରଣ ହୋଇ ଥାଏ । ଗୋଟାଏ ବଖରା ଘରକୁ ମଣିଷର ଆୟୁଷ ନାହିଁ ତଥାପି ସେ ଅନେକ ଘରତୋଳୁଛି । ସେତିକିରେ ଶାନ୍ତି ନରହି ଅଶାନ୍ତ ହୋଇ ଉଠୁଛି ଆହୁରି କିଛି ଜମି, ଜାଗା କିଣିବା ପାଇଁ । ବାସ୍ତବରେ ମଣିଷ ଭିତରେ ଉଦାର ପଣିଆଟିକକ ଲୋପ ପାଇଗଲେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ । ଜୀବନରେ ଯେତିକି ଆବଶ୍ୟକ ସେତିକିକୁ ନେଇ ଚଳିପାରିଲେ ଶାନ୍ତି ମିଳିବ । ଆମେ ଭାବନ୍ତି ବହୁ ସମ୍ପତି ହେଲେ ଉପଭୋଗ କରିବାର ସୁବିଧା ମିଳିଯିବ । ଏହା କିନ୍ତୁ ପରମେଶ୍ୱରର ସହନ୍ତି ନାହିଁ । ଯେଉଁ ଲୋକ ଯେତିକି ସମ୍ପତି ଠୁଳକରେ ସେ ସେତିକି ଦୁଃଖୀ ହୋଇ ଥାଏ । ଯେ ଯେତିକି ସ୍ୱାର୍ଥପର ହୋଇଥାଏ ସେ ସେତିକି ଯନ୍ତ୍ରଣା ଜର୍ଜରିତ ହୋଇଥାଏ । ସଂସାରରେ କାହାର ଦୁଃଖର କାରଣ ନହେଲେ କେହି ତୁମ ଦୁଃଖର କାରଣ ହେବନାହିଁ । ସେଥିପାଇଁ ଜିସସ୍ କହିଥିଲେ ସ୍ୱାର୍ଥପର ଶୈତାନ୍‌କୁ ତଡ଼ି, ପ୍ରେମମୟ ଭଗବାନଙ୍କୁ ହୃଦୟରେ ବସାଇବା ଉଚିତ । ସେହିପରି ଗୌରାଙ୍ଗ ଦେବ ନିଜେ ମାଡ଼ ଖାଇ ମଧ ଜଗାଇ ମାଧାଇଙ୍କୁ ପ୍ରେମମୟ ପ୍ରଭୁଙ୍କୁ ଦର୍ଶନ କରି ନିଜ ଜୀବନକୁ ପରାର୍ଥେ ଉତ୍ସର୍ଗୀକୃତ କରି ସମଗ୍ର ବିଶ୍ୱ ବାସୀଙ୍କୁ ନିଜର କୁଟୁମ୍ବ ବୋଲି ଭାବିଥାଆନ୍ତି । ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର କହିଛନ୍ତି 'ପ୍ରତ୍ୟେକ ମା' ହିଁ ଜଗଜ୍ଜନନୀ ଓ ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ । ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀଲୋକଙ୍କୁ ଛୁଇଁବା ଅନୁଚିତ ଏପରିକି, ମୁଖ ଦର୍ଶନ ନକରିବା ଆହୁରି ଭଲ ।' ଆମେ ସେହି ଏକ ପରମପିତାଙ୍କର ସନ୍ତାନ ସନ୍ତତି ହୋଇ ଚଳିଲେ ଆମର ସ୍ରଷ୍ଟା ପରମପିତା ଆନନ୍ଦିତ ହେବେ ।

*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

(ବିଶ୍ୱ ପରିବାର ଦିବସ ଅବସରରେ)

# ବୈକୁଣ୍ଠ ସମାନ ଆହା ଅଟେ ସେହି ଘର

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର"– ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅମୃତମୟ ପଂକ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି । ସତରେ ଘର ହିଁ ସ୍ୱର୍ଗ - ଏହି ପ୍ରାଚୀନ ଲୋକମୁଖର କଥାଟି ବାସ୍ତବିକ ବିଲକ୍ଷଣ । ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ - ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର । ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ । ସୁଖ-ଦୁଃଖ, ଝଡ଼-ଝଞ୍ଜା, ବିଶ୍ୱାସ-ଅବିଶ୍ୱାସ ଭିତରେ ଆଜି ଭାରତୀୟ ପାରିବାରିକ ବ୍ୟବସ୍ଥା ତଥାପି ଅତୁଟ ରଖିଛି ନିଜର ମୂଲ୍ୟବୋଧ ଓ ଗାରିମାକୁ । ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ଯଦିଓ କିଛିକାଂଶରେ ଏକାନ୍ନବର୍ତ୍ତୀ ଅବସ୍ଥାକୁ ଆସିଛି ବୋଲି ସମାଜ ବିଜ୍ଞାନୀ ଅଭିଯୋଗ କରନ୍ତି ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଂଟିବାର ଅମାପ ରଜ୍ଜୁରେ । ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ । ଘର ହିଁ ଦେବତାଙ୍କ ନିବାସ ଦେବାଳୟ । ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ । ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭ ମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି । ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁ ବେଳେ ଗୁରୁଦାୟିତ୍ୱ ରହି ଥାଏ । ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ । କଥାରେ ଅଛି - 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।' ଅର୍ଥାତ୍ ସଂସାରର ଡଙ୍ଗା ବାହି ନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତା କୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ । ଯୁଗପୁରୁଷୋତମ କଳକୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ମାର୍ଗ ଦର୍ଶନରେ କହିଲେ 'ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ



କାମିନୀ-କାଂଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ ।' ଆଜିର ବସ୍ତୁ ସର୍ବସ୍ୱ ସମୟରେ ପରିବାରର ଚିତ୍ର ବଦଳିଯାଉଛି । ବ୍ୟସ୍ତ ବହୁଳ କର୍ମଦାୟିତ୍ୱର ବୋଝ ଭିତରେ ସମସ୍ତେ ପେଶି ହୋଇଯାଉଛନ୍ତି । ପରିବାର ସହ କିଛି ମୁହୂର୍ତ୍ତ ବାଂଟିବା ପାଇଁ କାହା ପାଖରେ ବି ଆଉ ସମୟ ନାହିଁ । ପିଲାଟିଏ ହେଉ ବା ଗୁରୁଜନ ସମସ୍ତଙ୍କ ସହ ସମୟ ବାଂଟିବାର ଯେଉଁ ଅନାବିଳ ମମତା ତାହା କ'ଣ କେଉଁଠି କେଉଁ ମୂଲ୍ୟରେ ବି ମିଳିପାରିବ ? ସହର ଠାରୁ ଗାଁ ସବୁଠି ଆଜି ପରିବାର ଖାଁ ଖାଁ, ଯେଉଁ ପରିବାରର ଅଗଣାରେ ଦିନ ଥିଲା ଫାଟି ପଡୁଥିଲା ଖୁସିର ଜୁଆର, ଆନନ୍ଦର ଢେ଼ଉ ସେଠି ଆଜି ନିସ୍ତବ୍ଧ ନିର୍ଜନତା । ପିଲାମାନେ ବଡ଼ ହେଉଛନ୍ତି, ସେମାନଙ୍କ ପାଠସାଠ ଆଉ ଚାକିରି ସବୁକିଛି ବାହାରେ ହେଲେ ସମସ୍ତେ ଭୁଲି ଯାଉଛନ୍ତି ପରିବାରକୁ । ସହରରେ ବି ପରିବାର ଅଛି କିନ୍ତୁ ସେ ପରିବାର ଭିତରେ କେତେ ରହିଛି ଆନନ୍ଦ, କେତେ ରହିଛି ଖୁସି ଆଉ ସୁଖର ଖୋଲା ମୁହୂର୍ତ୍ତ ସବୁକୁ ? ସୂଚନା ପ୍ରଯୁକ୍ତିର କ୍ରାନ୍ତୀ ସମସ୍ତଙ୍କୁ ଯୋଡ଼ି ଦେଇଛି କମ୍ପ୍ୟୁଟର, ଲାପ୍‌ଟପ୍ ଆଉ ମୋବାଇଲର ମାୟା ଭିତରେ । କିନ୍ତୁ ଏହା ଭିତରେ ଲୁଚି ରହିଛି ପରିବାରକୁ ଖୋଜୁଥିବା ଲୋଡୁଥିବା କିଛି ମଣିଷମାନେ । ବର୍ତ୍ତମାନର ସମାଜ ଓ ପରିବର୍ତ୍ତିତ ସମୟର ସୁଅକୁ ଦେଖିଲେ ଲାଗୁଛି ପରିବାର ସବୁ ଭାଙ୍ଗିଯାଉଛି । ଦିନ ଥିଲା ସର୍ବବୃହତ୍ ଯୌଥ ପରିବାରକୁ ନେଇ ଲୋକମାନେ ଗର୍ବିତ ଅନୁଭବ କରୁଥିଲେ । ବର୍ତ୍ତମାନ ବି ଅନେକ ସ୍ଥାନରେ ଯୌଥ ପରିବାର ରହିଛନ୍ତି ଯେଉଁଠି ପଚାଶ ଷାଠିଏରୁ ଅଧିକ ସଦସ୍ୟ ଗୋଟିଏ ଛାତ ତଳେ, ଗୋଟିଏ ହାଣ୍ଡିରେ ବି ଖାଉଛନ୍ତି । କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', ବରଜୁ ପ୍ରଧାନଙ୍କ କଥା ଅନୁଯାୟୀ ବିଲରେ ହିଡ଼ ପଡ଼ିନାହିଁ କି ଘରେ ପାଚେରୀ ଉଠି ନାହିଁ । ଆଉ ଏହା ହିଁ ହେଉଛି ଯୌଥ ପରିବାରର ସବୁଠାରୁ ବଡ଼ ଶ୍ରଦ୍ଧାଶୀଳ ଲକ୍ଷଣ । ତଥାପି କିଛି ଏକାର୍ଣ୍ଣବତୀ ଛୋଟ ଛୋଟ ପରିବାର ରହିଛି । ସମାଜ ବିଜ୍ଞାନର ଭାଷା ପରିବାରର ସଂଜ୍ଞା ଓ ଧାରାକୁ ବଦଳାଇ ଦେଇଛି । ଘର ହିଁ ସ୍ୱର୍ଗ । ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ । ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ । ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ । ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ । ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ । ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହତର୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି । ଆଜି ବିଶ୍ୱ ପରିବାର ଦିବସ ଅବସରରେ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା । ପରିଶେଷରେ ବିଶ୍ୱ ପରିବାର ଦିବସ ଅବସରରେ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ପ୍ରାର୍ଥନା କରୁଛୁ ସମଗ୍ର ବିଶ୍ୱରେ ପ୍ରତିଟି ପରିବାରରେ ଆନନ୍ଦ ଉଲ୍ଲାସ ଭରି ଉଠୁ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟବାଣୀ ଆମ ସମସ୍ତଙ୍କୁ ଆଶୀର୍ବାଦର ପୁଷ୍ପ ବର୍ଷଣ କରୁ- 'ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ ।'

ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ - ଟେନ୍‌ସନମୟ ଜୀବନ ମଧ୍ୟରେ ଟିକିଏ ଖୁସି ମାନସିକତାରେ ପରିବର୍ତ୍ତନ ଆଣିଥାଏ । ହେଲେ ଏହି ଖୁସିକୁ ଆପଣାର କରିବା କ'ଣ ଏତେ ସହଜ ? ଏ ପ୍ରଶ୍ନ ହୁଏତ ଅନେକଙ୍କ ମନରେ ଉଠିପାରେ । ଏପରି କେତେକ ମହିଳା ଅଛନ୍ତି ଯେଉଁମାନଙ୍କ ମୁହଁରେ ଅଧିକାଂଶ ସମୟରେ ଖୁସି ଖେଳୁଥାଏ । ଏପରି କି ଟେନ୍‌ସନ ଆସିଲେ ବି ସେଥିରେ ସେମାନେ ପ୍ରଭାବିତ ହୋଇନଥାନ୍ତି । ଉଦାହରଣ ସ୍ୱରୂପ ନୀତାଙ୍କୁ ନିଆଯାଇପାରେ । ବିବାହ ପୂର୍ବରୁ ସେ ଏକ ପ୍ରାଇଭେଟ୍ କମ୍ପାନୀରେ ଚାକିରି କରୁଥିଲେ । ଯାହାଙ୍କୁ ସ୍ୱାମୀ ରୂପେ ପାଇଲେ ସେ ଶିକ୍ଷିତ ହେଲେ ବି ବେକାର । ଶ୍ୱଶୁର ଘର ବଡ଼ ପରିବାର । ଏସବୁ ସତ୍ତ୍ୱେ ସେ ସୁଚାରୁ ରୂପେ ପରିବାର ଚଳାନ୍ତି । ସକାଳୁ ଉଠି ଘରକାମ ସାରି ଠିକ୍ ସମୟରେ ଅଫିସ ବାହାରି ଯାଆନ୍ତି । ସେଠାରେ କାମ କରିବା ସମୟରେ ସଚେତନ ଥାଆନ୍ତି ନିଜ ଦାୟିତ୍ୱବୋଧ ସମ୍ପର୍କରେ । ପୁଣି ସନ୍ଧ୍ୟାରେ ଅଫିସରୁ ଫେରି ବ୍ୟସ୍ତ ରହନ୍ତି ଘର କାମରେ । ପ୍ରତିଦିନ ଏସବୁ କାମ ସତ୍ତ୍ୱେ ସେ କେବେ ବ୍ୟସ୍ତତା ଭିତରେ ନିଜକୁ ହଜାଇ ଦେଇ ନଥାନ୍ତି । ଥରେ ଅଫିସ ସହକର୍ମୀ ମୀନା ପଚାରିଲେ -ଆରେ ନୀତା ଏତେ କାମ ସତ୍ତ୍ୱେ ତମେ ଏପରି ଖୁସିରେ ମାହୋଲ ଭିତରେ କିପରି ରହୁଛ ? ମୁଁ ତ ଚେଷ୍ଟା କରି ପାରୁନି । ଯୁଆଡ଼େ ଦେଖିବ କେବଳ ଟେନ୍‌ସନ ହିଁ ଟେନ୍‌ସନ୍ । ନୀତାଙ୍କ ଠାରୁ ସବୁକଥା ଶୁଣିବା ପରେ ମୀନାଙ୍କ ମୁଣ୍ଡରୁ ସତେ ଯେପରି ଏକ ବୋଝ ଓହ୍ଲାଇ ଗଲା । ଖୁସିକୁ ନିଜ ଜୀବନ ସହ ବାନ୍ଧି ରଖିବା ତ ବେଶ୍ ସହଜ - ଏତକ କହି ପୁଣି ବୁଡ଼େ ଲାଗିଗଲେ ନିଜ କାମରେ । କେବଳ ନୀତା କିମ୍ବା ମୀନା ନୁହନ୍ତି ଆପଣ ବି ଚାହିଁଲେ ଖୁସିକୁ ସବୁବେଳେ ଆପଣାର କରି ରଖିପାରିବେ । ଏହା ପୂର୍ବରୁ ଖୁସିର ଭିତିରି କଥା ସମ୍ପର୍କରେ ଜାଣିବେ ନାହିଁ ? ତା'ହେଲେ ନିମ୍ନୋକ୍ତ ବିଷୟ ପ୍ରତି ଥରେ ଧ୍ୟାନ ଦିଅନ୍ତୁ ନା ।

# ଖୁସିରେ ରହିବାକୁ ହେଲେ.....

◆ ଅପର୍ଣ୍ଣା ନାୟକ

***ଖୁସି କେଉଁଥିରୁ ପାଉଛନ୍ତି :*** କେଉଁଥିରୁ ଆପଣ ଅଧିକ ଖୁସି ପାଉଛନ୍ତି ? କିପରି କାମ କଲେ ଖୁସି ରହୁଛନ୍ତି ? ଏ କଥା ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ । ଯଦି ଏଭଳି କୌଣସି ସୂତ୍ର ଖୋଜି ନ ପାଆନ୍ତି ତେବେ ଆଉ କେତେକ ଉପାୟ ରହିଛି ଯାହା ଆପଣଙ୍କ ମନରେ ଖୁସିର ଲହରୀ ଖେଳାଇ ଦେଇପାରେ । ନିଜ ସାଙ୍ଗଙ୍କ ସହ ସକାରାତ୍ମକ ମନୋଭାବ ନେଇ କଥା ହୁଅନ୍ତୁ । ମନ ପସନ୍ଦର ବହିଟିଏ ପାଇଛନ୍ତି, ତାହାକୁ ପଢ଼ନ୍ତୁ । ଏହାଦ୍ୱାରା ମନରେ ଆନନ୍ଦ ଆସିଥାଏ ।

***ଅନ୍ୟର ଖୁସି ଦେଖି ଈର୍ଷା କରନ୍ତୁ ନାହିଁ :*** ନିଜେ ଖୁସି ରହିବା ପୂର୍ବରୁ ଅନ୍ୟମାନେ କିପରି ଏହାକୁ ଆପଣେଇଛନ୍ତି ତାହା ଜାଣିଲେ କ୍ଷତି କ'ଣ ? କେତେକ ମହିଳା ଅଛନ୍ତି ସେମାନେ ଅନ୍ୟମାନଙ୍କ ଖୁସିକୁ ଦେଖି ଈର୍ଷା କରିଥାନ୍ତି । ଏହାଦ୍ୱାରା ନିଜର ହିଁ କ୍ଷତି ହୋଇଥାଏ । କାରଣ ଜଣେ ଖୁସି ରହିଲେ ତାହାର ସୁପ୍ରଭାବ ଜୀବନଶୈଳୀ ଉପରେ ପଡ଼ିଥାଏ । ତେଣୁ ଅନ୍ୟର ଖୁସି ଦେଖି ତାହାର କାରଣ ଖୋଜନ୍ତୁ ଏବଂ ନିଜ ଜୀବନରେ ତାହାକୁ ଉପଯୋଗ କରିବାକୁ ଚେଷ୍ଟା କରନ୍ତୁ ।

***ଚିନ୍ତା ଠାରୁ ଦୂରେଇ ରହନ୍ତୁ :*** ଅବଶ୍ୟ ଆଜିକାଲିର ବ୍ୟସ୍ତମୟ ଜୀବନରେ ଚିନ୍ତାଗ୍ରସ୍ତ ହେଲେ ତାହାର ସବୁବେଳେ ଚିନ୍ତାଗ୍ରସ୍ତ ହେଲେ ତାହାର ଖରାପ ପ୍ରଭାବ ବଢ଼ି ଚାଲିଥାଏ । ତେଣୁ କେଉଁ କାରଣରୁ ଆପଣ ଚିନ୍ତାଗ୍ରସ୍ତ ହେଉଛନ୍ତି ତାହା ଜାଣନ୍ତୁ । ଯଦି ଏହାର ସାମାଧାନ କରି ପାରୁଛନ୍ତି ତେବେ ଆପଣଙ୍କ ମୁହଁରେ ଖୁସିର ସଙ୍କେତ ଦେଖିବାକୁ ମିଳିବ । ଏଥିପାଇଁ ସବୁବେଳେ ନକାରାତ୍ମକ ଚିନ୍ତାଧାରା ଠାରୁ ନିଜକୁ ଦୂରେଇ ରଖନ୍ତୁ ।

***ଗୀତ ଶୁଣନ୍ତୁ ଅବା ଗାଆନ୍ତୁ :*** ଭାରାକ୍ରାନ୍ତ ମନରେ ଖୁସିର ପଦ୍ମ ଫୁଟାଇଥାଏ ଗୀତ । ମନକୁ ହାଲୁକା କରିବା ଲାଗି ଗୀତ ଶୁଣନ୍ତୁ । ଯେଉଁ ଗୀତ ମନରେ ଶାନ୍ତି ଆଣିବ ସେପରି ଗୀତ ହିଁ ଶୁଣନ୍ତୁ । ଯଦି ଗୀତ ଶୁଣିବାକୁ ସମୟ ପାଉ ନାହାନ୍ତି ତେବେ ଯେଉଁ ଗୀତ ମନେ ଅଛି ତାହାକୁ ମନକୁ ମନ ଗାଆନ୍ତୁ । ଦେଖିବେ ମନରେ ଖୁସି ଉଙ୍କି ମାରିବ ମନର ଭାବନାକୁ ଲିପିବଦ୍ଧ କରନ୍ତୁ : ମନରେ ବେବେବେଳ ଏପରି ଭାବନା ଆସିଥାଏ ଯାହାକୁ ପାଥେୟ କରି ଜଣେ ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିଥାଏ । ତେଣୁ ଏପରି ଭାବନାକୁ କେବଳ ମନ ଭିତରେ ସୀମିତ ରଖିଲେ କିଛି ଲାଭ ନାହିଁ । ତାହାର ସଫଳ ରୂପାୟନ ପାଇଁ ମନର ଭାବନାକୁ ଡାଏରୀରେ ଲିପିବଦ୍ଧ କରି ରଖନ୍ତୁ ।

***ପୁରୁଣା ସ୍ମୃତିକୁ ମନେ ପକାନ୍ତୁ :*** ହଁ, ଆଉ ଏକ ଜିନିଷ ହେଲା ପୁରୁଣା ସ୍ମୃତି । ଏହା ଭିତରେ ଖୁସି ନିହିତ ଥାଏ । ତେଣୁ ଅବସାଦଗ୍ରସ୍ତ ମନକୁ ଖୁସି କରିବା ଲାଗି ଜୀବନର ପୁରୁଣା ପୃଷ୍ଠାକୁ ଲେଉଟାନ୍ତୁ । ସେତେବେଳେ ନିଜର ଯୋଜନା ସମ୍ପର୍କରେ ମନେ ପକାନ୍ତୁ । ସେଠାରେ ବି ଅନେକ ସମସ୍ୟାର ସମାଧାନ ସୂତ୍ର ପାଇପାରିବେ ।

***ଖର୍ଚ୍ଚରେ ନିୟନ୍ତ୍ରଣ କରନ୍ତୁ :*** ବେଳେବେଳେ ଖର୍ଚ୍ଚ ସୀମା ଉଲ୍ଲଙ୍ଘନ କରିଥାଏ । ସେକଥାକୁ ମନେ ପକାଇଲେ ମନରେ ଦୁଃଖ ତ ଆସିବା ସ୍ୱାଭାବିକ କଥା । ହେଲେ ବଜେଟ ଅନୁଯାୟୀ ଖର୍ଚ୍ଚ କଲେ ଅନ୍ୟମାନଙ୍କ ପରି ଆପଣ ବି ଖୁସିରେ ରହିପାରିବେ ।

*'ଯଜାତି ନିବାସ' ସେକ୍ଟର-୧୦, ସିଡିଏ, କଟକ*





# ଶ୍ରୀ ଶ୍ରୀ ଦିନେଶ୍ୱର ମହାଦେବଙ୍କ ଚତୁର୍ଥ ପ୍ରତିଷ୍ଠା ମହୋତ୍ସବ

ଭଦ୍ରକ: (ହି.ସ.) - ଭଦ୍ରକ ବ୍ଲକ ଅନ୍ତର୍ଗତ ବିଷ୍ଣୁ ପୁରୁ ବିନ୍ଧା ପଂଚାୟତ ର ଦିନାରୀ ଆନଂଦବଜାର ଠାରେ ଶ୍ରୀ ଶ୍ରୀ ଦିନେଶ୍ୱର ବାବାଙ୍କ ବାର୍ଷିକ ମହୋତ୍ସବ ଧୂମଧାମରେ ପାଳିତ ହୋଇଯାଇଛି । ବାବା ଙ୍କ ଅପାର କରୁଣା ଉତ୍ସବ ମୁଖରହ ପୂଜାମଣ୍ଡପ ପ୍ରାଙ୍ଗଣରେ ଧାର୍ମିକ ତଥା ଆଧାତ୍ମିକ କାର୍ଯ୍ୟକ୍ରମ ପ୍ରବଚନ, ଭଜନ ସଂଧ୍ୟା, ସତସଂଗ ଆଦି ଅନୁଷ୍ଠିତ ହେଉଛି । ଏଠାରେ ମହାପ୍ରଭୁଙ୍କର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ସହ ଶ୍ରୀ ଶ୍ରୀ ଦିନେଶ୍ୱର୍ ମହାଦେବ ଙ୍କ ବିଗ୍ରହ ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ମହାଯଜ୍ଞ ଆଦି ଧାର୍ମିକ କାର୍ଯ୍ୟ ଚାଲୁରହିଛି । ସୋମବାର ୧୦୮ ମହିଳା ବିରାଟ ଶୋଭାଯାତ୍ରାରେ ଘଂଟ, କିର୍ତନ, ଦୁଲୁଦୁଲ୍ଲିବାଦ୍ୟ, ଢୋଲ, ମହୁରୀ, ତେଲିଙ୍ଗି ଆଦି ବାଦ୍ୟର ତାଳେତାଳେ ନିକଟସ୍ଥ ଗ୍ରାମ ନିକଟରେ ଥିବା ପୂଣ୍ୟତୋୟା କପାଳି ରେ କଳସ ଉତୋଳନ କରିଥିଲେ । ମଙ୍ଗଳବାର ପ୍ରଭାତରୁ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା । ସୂର୍ଯ୍ୟପୂଜା, ଗୋ ପୂଜା, ଯଜ୍ଞକୁଣ୍ଡରେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଘୃତ ଆହୁତି ଆଦି କାର୍ଯ୍ୟ ସମାପନ କରା ଯାଇଥିଲା ଓ ମଧ୍ୟାହ୍ନରେ ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ମାନେ ପ୍ରାସାଦ ସେବନ କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଅଂଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା । ବିରେନ ଦାସ, ତାଙ୍କ ଧର୍ମପତ୍ନୀ ଚିନୁ ଦାସ ଏବଂ ତାଙ୍କ ଧର୍ମପତ୍ନୀ କର୍ତା ଭାବେ ପୂଜନ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ । ମନ୍ତ୍ରଧ୍ୱନିରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ସୋମବାର ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ ଓ ବୁଧ ବାର ଭଜନ ସନ୍ଧ୍ୟା ଓ ଯଜ୍ଞ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହୋଇଯାଇଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ସଭାପତି ବଳରାମ ସାହୁ ଉପସଭାପତି କେଶବ ଚନ୍ଦ୍ର ଦାସ , ରାଜକିଶୋର ସାହୁ, ଧନଞ୍ଜୟ ସାହୁ, ରଘୁନାଥ ସାହୁ ଉମାକାନ୍ତ ସାହୁ ବିରେନ ଦାସ, ଆନନ୍ଦ ସାହୁ, ଭାଗିରଥି ସାହୁ,ସହଯୋଗ କରିଥିଲେ ।

# ସାଇ ଜଗବନ୍ଧୁ ନିର୍ମଳ ଝର ଲୋକାର୍ପିତ

ଭଦ୍ରକ : ସତ୍ୟ ଫାଉଣ୍ଡେସନ ତିହିଡ଼ି ସହାୟତାରେ ୧୦ମ ସାଇ ଜଗବନ୍ଧୁ ନିର୍ମଳ ଝର ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସୋମବାର ତିହିଡ଼ି ପୁରୁଣା ହାଟ ନିକଟରେ ଲୋକାର୍ପିତ ହୋଇଯାଇଛି । ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ଉପ ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ । ବରେଣ୍ୟ ଅତିଥି ଭାବେ ଭଦ୍ରକ-୧ ଜିଲା ସଭାପତି ଡା. ରଞ୍ଜିତ ଖଟୁଆ, ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ସତ୍ୟସାଇ ଟ୍ରଷ୍ଟ ରାଜ୍ୟ ସଦସ୍ୟ ଇଂ ସନାତନ ପାତ୍ର, ମନୋଜ ନାୟକ, ଶାନ୍ତିଲତା ବିଶ୍ୱାଳ, ତିହିଡି ସମିତି ଆବାହକ ସଞ୍ଜୟ ମହାପାତ୍ର ଯୋଗ ଦେଇଥିଲେ । ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ତିହିଡିର ସକ୍ରିୟ କର୍ମୀ ରବିନ୍ଦ୍ର ଦାସ, କୈଳାସ ରାଉଳ, ହିମାଂଶୁ ନାୟକ, ରାଜେନ୍ଦ୍ର ଜେନା, ନକୁଳ ମହାପାତ୍ର, ବିଜୟ ନାୟକ, ଭରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଫାଉଣ୍ଡେସନ ଟ୍ରଷ୍ଟି ପାର୍ଥସାରଥୀ ନାୟକ ଫାଉଣ୍ଡେସନ ୯ବର୍ଷରେ ପଦାର୍ପଣ କରିଥିବା ବେଳେ ଗରିବ ରୋଗୀଙ୍କୁ ଚିକିତ୍ସାରେ ସହୟତା, ଗରିବ ମେଧାବୀ ପିଲାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସହାୟତା, ଚାରା ରୋପଣ ଇତ୍ୟାଦି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ଜାରି ରଖିଥିବା ସୂଚନା ଦେଇଥିଲେ । ଏହି ଅବସରରେ ସୁଶାନ୍ତ ଜେନା, ଦେବବ୍ରତ ଜେନା,ଅଜୟ ଜେନାଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ଲେଖାଏଁ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିଲା ।

# ଡୁଙ୍ଗୁରିପାଲିରେ ପାଣି ସମସ୍ୟା ଉତ୍କଟ ପ୍ରକଳ୍ପ ଅଛି ; ପାଣି ନାହିଁ

ବଲାଙ୍ଗୀର : (ହି.ସ.)- ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ କୁଟାସିଂହା ପଂଚାୟତ ଡୁଙ୍ଗୁରିପାଲିରେ ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ବସୁଧା ଯୋଜନାରେ ଗାଁ ରେ ଏକ ବଡ଼ ଓଭର ହେଡ଼ ଟାଙ୍କି ରହିଛି । ଅଙ୍ଗ ନଦୀରୁ ଏଠାକୁ ପାଣି ଆସିଥାଏ ହେଲେ କିଛି ଦୀନ ହେବ ନଦୀର ଶ୍ରୋତ ଶୁଖି ଯିବାରୁ ପ୍ରକଳ୍ପ ଚାଲି ପାରୁ ନାହିଁ । ଫଳରେ ପାଣି ପାଇଁ ଗାଁ ରେ ହାହାକାର ହେଉଥିବା ଦେଖା ଯାଇଛି । ଏପରିକି ଗ୍ରାମରେ ଦୁଇଟି ମାତ୍ର ନଳକୂଅ ଅଛି । ଗୋଟିଏରେ ସୋଲାର ସିଷ୍ଟମ ହୋଇଥିବା ବେଳେ ଶିବ ମନ୍ଦିର ସମ୍ମୁଖରେ ଥିବା ନଳକୂପରେ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ । ଫଳରେ ସର୍ବଦା ମହିଳାଙ୍କ ଲମ୍ବା ଲାଇନ ଲାଗିଥିବା ଦେଖା ଯାଇଛି । ଏଭଳି ସ୍ଥିତିରେ ପାଣି ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଥିବା ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ, ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସାରିଛନ୍ତି ଏବଂ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉ ବୋଲି ଦାବୀ କରିଛନ୍ତି । ଡୁଙ୍ଗୁରିପାଲି ଗ୍ରାମର ଜନସଂଖ୍ୟା ୨୦୦୦ ଉପରେ ହେବ । ଗାଁ ନିକଟ ଦେଇ ପ୍ରବାହିତ କୁଠି ଯୋର ମଧ ଦେଢ଼ ମାସ ହେବ ଶୁଖି ଗଲାଣି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଆଗକୁ ଆହୁରି ୨ ମାସ ଜାରି ରହିବ ଓ ପାଣି ସମସ୍ୟା ଆହୁରି ଗମ୍ଭୀର ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଂଚ ଡିଗ୍ରୀ ମେହେରଙ୍କୁ ପଚାରାଯିବାରୁ ଅଙ୍ଗ ନଦୀରେ ଜଳ ଶ୍ରୋତ ଶୁଖି ଯିବାରୁ ପ୍ରକଳ୍ପ ଚାଲି ପାରୁନାହିଁ । ଜେସିବି ଦ୍ୱାରା ନଦୀ ଗର୍ଭରେ କୂଅ ଖୋଲି ପାଣି ସମସ୍ୟା ଦୂର କରିବାକୁ ଚେଷ୍ଟା କରାଯାଇଥିଲା ହେଲେ ଯେତେ ଖୋଲିଲେ ବି ପାଣି ବାହାରିଲା ନାହିଁ ବୋଲି କହିଛନ୍ତି । ତେଣୁକରି ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

# ହାତୀପଲ ବାହାନାରେ ଅଘୋଷିତ ବିଦ୍ୟୁତ କାଟ୍ : ଅଂଚଳରେ ଉତେଜନା, ରାସ୍ତାରୋକ ଜାରୀ

ବଲାଙ୍ଗୀର : (ହି.ସ.)- ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଅଂଚଳରେ ଏକ ପୁରୁଣା କଥା ଅଛି ଯେ,ଏଠି ପତ୍ର ହଲିଲେ ଲାଇଟ ଯାଏ ହେଲେ ଏବେ ସେହି ପତ୍ର ହଲା ବାହାନାକୁ ବିଦ୍ୟୁତ ବିଭାଗ ବାଏ ବାଏ କହି ସାରିଥିବା ବେଳେ ହାତୀ ପଲଙ୍କ ଯାତାୟାତକୁ ନୂଆ ଆଳ କରି ଅଘୋଷିତ ବିଦ୍ୟୁତ କାଟ ଜାରି ରଖିଛି । ବିଭାଗର ଏଭଳି ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ମୁରିବାହାଲ ବ୍ଲକର ବଡ଼ସାଇମରା, ଇଚ୍ଛାପଡ଼ା, ଚଲକି, ବାନ୍ଦୁପଲା ଓ ସତୀଘାଟ ଅଂଚଳରେ ଏବେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି କ୍ଷ ପ୍ରବଳ ଖରା ହେଉଥିବା ବେଳେ ବିଗତ ଚାରି ଦିନ ଧରି ବିଦ୍ୟୁତ କାଟ ହୋଇଥିବାରୁ ସାଧାରଣ ଜନଜୀବନ ଅତିଷ୍ଠ ହୋଇପଡ଼ିଛି । ବିଜୁଳି ନଥିବାରୁ କୁନି କୁନି ଶିଶୁମାନେ ଅସହ୍ୟ ଗରମରେ ଛଟପଟ ହେଉଥିବା ବେଳେ ବୃଦ୍ଧବୃଦ୍ଧା ଓ ରୋଗୀମାନେ ନାହିଁ ନଥିବା ଯନ୍ତ୍ରଣା ଭୋଗୁଛନ୍ତି । ବିଶେଷ କରି ସନ୍ଧ୍ୟା ହେଲେ ଅନ୍ଧାର ଯୋଗୁଁ ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ଏବଂ ପାନୀୟ ଜଳ ପାଇଁ ମଧ ଲୋକେ ହାହାକାର କରୁଛନ୍ତି । ଏହାର ପ୍ରତିବାଦରେ ଗତକାଲି ସତୀଘାଟ, ଇଚ୍ଛାପଡ଼ା, ଚଲକି, ବାନ୍ଦୁପଲା ସମେତ ଆଖପାଖ ଗ୍ରାମର ଶତାଧିକ ଲୋକ ଗୁଡ଼ିଘାଟ-ମୁରିବାହାଲ ମୁଖ୍ୟ ପଥକୁ ଅବରୋଧ କରିଥିଲେ । ଗତକାଲି ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ରାସ୍ତାରୋକ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ପୁଣି ବଡ଼ସାଇମରା, ଚଲକି ଓ ବାନ୍ଦୁପଲାର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏକଜୁଟ ହୋଇ ବିଦ୍ୟୁତ ଗ୍ରୀଡ୍ ସମ୍ମୁଖରେ ଧାରଣା ଦେବା ସହ ଘେରାଉ କରିଛନ୍ତି । ବିଭାଗୀୟ ଅବହେଳା କାରଣରୁ ଗ୍ରାମବାସୀ ମାନେ ଅନ୍ଧାରରେ ରହି ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ଯୋଗୁଁ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଖବର ପାଇ ମୁରିବାହାଲ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଶାନ୍ତ କରିବାକୁ ପ୍ରୟାସ ଜାରି ରଖିଛି । ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ ବିଭାଗ କେବଳ ହାତୀଙ୍କ ଆଳ ଦେଖାଇ ଲାଇଟ କାଟୁଛି । ହାତୀଙ୍କର ଗତିବିଧି ଯେଉଁ ସୀମିତ ଅଂଚଳରେ ରହୁଛି ସେଠାରେ ସତର୍କତା ପଦକ୍ଷେପ ସ୍ୱରୂପ ବିଦ୍ୟୁତ କାଟ କରାଯାଉ, ଆମେ ମନା କରୁନାହୁଁ କିନ୍ତୁ ବିନା କାରଣରେ ସମଗ୍ର ଅଂଚଳର ବିଜୁଳି ସଂଯୋଗ ବନ୍ଦ ରଖି ସାଧାରଣ ଜନତାଙ୍କୁ ହଇରାଣ କରିବା ଠିକ୍ ନୁହେଁ । ବିଭାଗୀୟ କର୍ମଚାରୀଙ୍କ ଏପରି ମନମୁଖୀ କାର୍ଯ୍ୟକୁ ଗ୍ରାମବାସୀ ମାନେ ଦୃଢ଼ ନିନ୍ଦା କରିବା ସହ ତୁରନ୍ତ ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ଜିଦ୍ ଧରିଛନ୍ତି । ଯଦି ଆଗାମୀ ସମୟରେ ବିଭାଗ ତରଫରୁ ବିଦ୍ୟୁତ ସେବା ସ୍ୱାଭାବିକ୍ କରାନଯାଏ ଏବଂ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦିଆନଯାଏ ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଆନ୍ଦୋଳନ କାରୀ ଚେତାବନୀ ଦେଇଛନ୍ତି ।

# କଳାହାଣ୍ଡି ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ତ୍ରୟମାସିକ ଟାସ୍କ ଫୋର୍ସ ବୈଠକ

ଭବାନୀପାଟଣା : (ହି.ସ.)- କଳାହାଣ୍ଡି ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ତା. ୧୨.୦୫.୨୦୨୬ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ କକ୍ଷରେ ଆୟୋଜିତ ହୋଇଥିଲା । ବୈଠକରେ ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲା କାର୍ଯ୍ୟ ଖସଡା ଅନୁମୋଦନ, ବାଲ୍ୟ ବିବାହ ରୋକଥାମ, କିଶୋରୀମାନଙ୍କ ସୁରକ୍ଷା, ଶିକ୍ଷାରେ ଅବିରତ ସହଭାଗୀତା, ଅବହେଳିତ ଶିଶୁଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୂକ୍ତ କରିବା, ସମୁଦାୟ ସଚେତନତା ଓ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ଓ ରଣନୀତି ଉପରେ ଗଭୀର ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଉଦବୋଧନରେ କହିଥିଲେ ଯେ, "ବାଲ୍ୟ ବିବାହ ମୁକ୍ତ କଳାହାଣ୍ଡି ଗଠନ ପାଇଁ ପ୍ରଶାସନ, ସମୁଦାୟ, ଅଭିଭାବକ, ଶିକ୍ଷକ, ଧାର୍ମିକ ନେତା ଓ ଯୁବ ସମାଜଙ୍କ ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ । ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା, ସୁରକ୍ଷା ଓ ସୁନ୍ଦର ଭବିଷ୍ୟତର ଅଧିକାର ମିଳିବା ଦରକାର । ସେହିପରି, ବାଲ୍ୟ ବିବାହ ସମ୍ପର୍କିତ ସୂଚନା ମିଳିଲେ ତୁରନ୍ତ ପ୍ରତିକ୍ରିୟା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ଲକ୍ ଓ ଗ୍ରାମ ସ୍ତରରେ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣକୁ ଏକ ସାମାଜିକ ଆନ୍ଦୋଳନର ରୂପ ଦେବା ପାଇଁ ସମସ୍ତ ବିଭାଗ ଓ ସମୁଦାୟ ମିଶି କାମ କରିବାକୁ ବୈଠକରେ ଆହ୍ୱାନ କରିଥିଲେ । କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ ମଜିବୁନ ନିଶା ସ୍ୱାଗତ ଅଭିଭାଷଣ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ପ୍ରୋଟେକ୍ସନ ଅଫିସର ସନ୍ଧ୍ୟାରାଣୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଜିଲ୍ଲା ମହିଳା ସଶକ୍ତିକରଣ ସଂଯୋଜକ ଅଧିକାରୀ ଯୋଗେଶ୍ୱର ବୁଦ୍ଧିଆ ଗତ ତିନି ମାସରେ ଶିଶୁ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପାୱାରପଏଂଟ ମାଧ୍ୟମରେ ଉପସ୍ଥାପନା କରିଥିବା ବେଳେ ଏଡ୍-ଏଟ୍-ଆକ୍ସନ୍ ସଂଯୋଜକ ଦିବ୍ୟରଞ୍ଜନ ଯୋଷି ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲା କାର୍ଯ୍ୟ ଖସଡ଼ା ଉପସ୍ଥାପନା କରିଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନିହାରେନ୍ଦ୍ର ପଣ୍ଡା, ଶିଶୁ ମଙ୍ଗଳ ସମିତି ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଶିଶୁ ମଙ୍ଗଳ ସମିତି ମେମ୍ବର ବିଶ୍ୱନାଥ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିନେଶ କହ୍ନର, ସହକାରୀ ଶ୍ରମ ଅଧିକାରୀ ଜିତମ ମାଝୀ, ଜିଲ୍ଲା ପଂଚାୟତ ଅଧିକାରୀ ବିଶ୍ୱନାଥ ରାଉତ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି, ଜିଲ୍ଲା ସମାଜ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ଜିଲ୍ଲା ସଂଯୋଜକ ଆଭା ବଦ୍ରିନାଥ ସାହୁ , କର୍ତବ୍ୟ ଏବଂ ସେବାଜଗତ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ପୋଲିସ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସ୍ୱାସ୍ଥ୍ୟ ବିଭାଗ, ୟୁନିସେଫ୍ ଏବଂ ବିଭିନ୍ନ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ । ଗ୍ରାମ ପଂଚାୟତ ସ୍ତରରେ ଚାଲୁଥିବା ସଚେତନତା କାର୍ଯ୍ୟକ୍ରମ, ବିବାହ ପୂର୍ବ ସୂଚନା ରେଜିଷ୍ଟରର ରକ୍ଷଣାବେକ୍ଷଣ, ସନ୍ଦିଗ୍ଧ ବାଲ୍ୟ ବିବାହ ଚିହ୍ନଟ ଓ ତ୍ୱରିତ ରେସ୍କ୍ୟୁ କାର୍ଯ୍ୟର ସମୀକ୍ଷା କରାଯାଇଥିଲା ।

# ବାସୁଦେବପୀଠରେ ତିନି ଠାକୁରଙ୍କ ମନ୍ଦିର ନିର୍ମାଣ

ଭଦ୍ରକ : ଏହି ଜିଲାର ଧାମନଗର ବ୍ଲକ ଅର୍ଜୁନପୁର ପଂଚାୟତ ସ୍ଥିତ ପୁଣ୍ୟତୋୟା ବୈତରଣୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ବାସୁଦେବପୀଠ ଏବେ ଆଧାତ୍ମିକ ଦୃଷ୍ଟିରୁ ଚଳଚଂଚଳ ହୋଇପଡିଛି । ଏହି ପୀଠରେ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ, ଆସନ୍ତା ୨୦୨୭ ଫେବୃଆରୀ ୧୮ ତାରିଖରେ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଦିନ ଧାର୍ଯ୍ୟ ହୋଇଛି । ଏହି ମହାନ କାର୍ଯ୍ୟ ପାଇଁ ତିନି ଠାକୁରଙ୍କ ମୂର୍ତି ନିର୍ମାଣ ନିମନ୍ତେ ଆବଶ୍ୟକୀୟ 'ଦାରୁଛେଦନ' ପ୍ରକ୍ରିୟା ଚଳିତ ମାସ ୧୫ ତାରିଖ ଦିନ ସମ୍ପନ୍ନ ହେବ । ସୂଚନା ଅନୁଯାୟୀ, ଦଳାଙ୍ଗ ପଂଚାୟତର ବିରୁହା ଗ୍ରାମର ଶ୍ରୀ ଚୈତନ୍ୟ ଯେନାଙ୍କ ବାଡ଼ିରୁ ଏହି ପବିତ୍ର ଦାରୁ ଚୟନ କରାଯାଇଛି । ଶାସ୍ତ୍ରୀୟ ବିଧି ବିଧାନ ଅନୁଯାୟୀ, ୧୫ ତାରିଖ ଦିନ ଶ୍ରଦ୍ଧାଳୁ ଓ ସଂକୀର୍ତନ ମଣ୍ଡଳୀଙ୍କ ଗହଣରେ ବିରୁହା ଗ୍ରାମରୁ ଏହି ପବିତ୍ର ଦାରୁକୁ ଛେଦନ କରାଯାଇ ପୀଠକୁ ଅଣାଯିବ । ବୈତରଣୀ କୂଳରେ ପ୍ରଭୁଙ୍କ ମନ୍ଦିର ନିର୍ମାଣକୁ ନେଇ ସ୍ଥାନୀୟ ଅଂଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଏହି ଦାରୁଛେଦନ ଉତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ପୁଣ୍ୟ ଅର୍ଜନ କରିବାକୁ ମନ୍ଦିର କମିଟି ର ଆବାହକ ଅରୁଣ ନାୟକ ଓ ଅକ୍ଷୟ ନାୟକ ଏବଂ ଅଂଚଳ ବାସୀ ନିବେଦନ କରିଛନ୍ତି ।

# ବାଇକ୍‌ରୁ ପଡ଼ି ମହିଳା ମୃତ

ମୁଖୀଗୁଡ଼ା: ବିବାହ ଉତ୍ସବରେ ଯୋଗ ଦେଇ ଘରକୁ ଫେରୁଥିବା ବେଳେ ବାଇକରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଜୟପାଟଣା ଠେଲକୋପଡ଼ାର ହେମାବତୀ କୈବର୍ତ(୫୫) ନିଜ ପୁଅ ବଡ଼ ସହ ଏକ ବାଇକ୍‌ରେ ଏକ ବିବାହ ଉତ୍ସବରେ ଯୋଗଦେଇ ଜୁନାଗଡ଼ରୁ ନିଜ ଘରକୁ ଫେରୁଥିଲା ବେଳେ ମୋଟେର ନିକଟରେ ହଟାତ ଚଳନ୍ତା ବାଇକରୁ ଖସିପଡ଼ି ଅଚେତ ହୋଇଯାଇଥିଲେ । ତୁରନ୍ତ ତାଙ୍କୁ କୋକସରା ଡାକ୍ତର ଖାନାକୁ ନିଆ ଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# ବୁଲେଟ ଧକ୍କାରେ ଜଣେ ମୃତ

ସମ୍ବଲପୁର : ଅଇଁଠାପାଲି ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥର ଭାଲୁପାଲି ଛକରେ ସୋମବାର ଅପରାହ୍ନରେ ଏକ ବୁଲେଟ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା ଜଣାପଡିଛି । ବୃଦ୍ଧ ଜଣଙ୍କ ଅଇଁଠାପାଲି ଥାନା ଅନ୍ତର୍ଗତ ବୈଦର ନୁଆପାଲି ଗ୍ରାମର ୬୮ ବର୍ଷୀୟ କୃଷ୍ଣଚନ୍ଦ୍ର ପଟ୍ଟା ବୋଲି ଜଣାପଡ଼ିଛି । ଭାଲୁପାଲି ଛକରେ ସେ ରାସ୍ତା ପାର୍ ହେଉଥିବା ବେଳେ ହଠାତ୍ ଦ୍ରୁତଗାମୀ ଓଡି୧୬ଏନ୬୫୬୯ ନମ୍ବର ବୁଲେଟ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ରାସ୍ତାରେ ଘୋଷାଡ଼ି ହୋଇ ଛିଟିକି ପଡ଼ିବା ସହ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ପରେ ତୁରନ୍ତ ତାଙ୍କୁ ପ୍ରଥମେ ସ୍ଥାନୀୟ ବିକାଶ ହସ୍ପିଟାଲରେ ଭର୍ତି କରାଯାଇଥିଲା । ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରିବାର ଲୋକଙ୍କ ଅନୁରୋଧ କ୍ରମେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଆଜି ଭୋର ୫ଟା ୨୦ ମିନିଟରେ ଚିକିତ୍ସାଧୀନ ଶଯ୍ୟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ପୋଲିସ ଦୁର୍ଘଟଣାଗ୍ରସ୍ତ ବୁଲେଟ୍‌କୁ ଥାନାରେ ଅଟକ ରଖିଥିବା ବେଳେ ଅଭିଯୁକ୍ତ ବୁଲେଟ୍ ଆରୋହୀ ଦ୍ୱୟ ଝାରସୁଗୁଡା ଜିଲ୍ଲା କୋଲାବିରା ଅଂଚଳର ବୋଲି ଜଣାପଡିଛି । ସୂଚନାଯୋଗ୍ୟ ବୈଦାର ନୂଆପାଲି ସମଲେଇ ଝାଙ୍କର ଭାବେ ପରିଚିତ କୃଷ୍ଣଚନ୍ଦ୍ର ଗ୍ରାମର କୀର୍ତନ ମଣ୍ଡଳୀରେ ସେ ଜଣେ ଜଣାଶୁଣା ବାଦକ ଥିଲେ । କୃଷ୍ଣଚନ୍ଦ୍ରଙ୍କ ଏଭଳି ଅକାଳ ବିୟୋଗରେ ତାଙ୍କ ବିଧବା ପତ୍ନୀ ସୁଭଦ୍ରା ପଟ୍ଟା, ଦୁଇ ବିବାହିତ ଝିଅ ଓ ଜଣେ ଅବିବାହିତ ଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି ।

# ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

ବୌଦ୍ଧ : ବୌଦ୍ଧ ଜିଲ୍ଲା ଚାରିଛକ ସ୍ଥିତ ହରଭଙ୍ଗା ପଂଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ୍ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୭୩ ଗୋଟି ବ୍ୟକ୍ତିଗତ ଓ ୦୫ ଟି ଗୋଷ୍ଠିଗତ ଏଭଳି ମୋଟ ୭୮ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ୨୯ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜଣେ ଅସହାୟଙ୍କୁ ରେଡକ୍ରସ୍ ପାଣ୍ଠି ରୁ ୫ ହଜାର ଟଙ୍କାର ତତ୍କାଳ ସହାୟତା ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ଏକ ହ୍ୱିଲ ଚେୟାର ଜିଲ୍ଲାପାଳ ପ୍ରଦାନ କରିଥିଲେ । ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହରଭଂଗା ବିଡ଼ିଓ ବିଜୟ ପ୍ରଧାନ, ତହସିଲଦାର ବଳଦେବ ବେହେରା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଆଇଏମ ସମ୍ବଲପୁର ପକ୍ଷରୁ ଦ୍ୱିତୀୟ ବ୍ୟାଚ୍ ସ୍ନାତକ ପାଠ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ

ସମ୍ବଲପୁର : (ହି.ସ.) ଭାରତର ଅନ୍ୟତମ ପ୍ରତିଷ୍ଠିତ ପରିଚାଳନା ଶିକ୍ଷାନୁଷ୍ଠାନ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଆଇଆଇଏମ ସମ୍ବଲପୁର, ୨୦୨୬ ଶିକ୍ଷାବର୍ଷ ପାଇଁ ଏହାର ଦ୍ୱିତୀୟ ବ୍ୟାଚ୍ ଚାରି ବର୍ଷିଆ ବିଜ୍ଞାନ ସ୍ନାତକ (ବି.ଏସ.) ପାଠ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ କରୁଛି । ଏହି ଅନୁଷ୍ଠାନରେ ଦୁଇଟି ବିଜ୍ଞାନ ସ୍ନାତକ ପାଠ୍ୟକ୍ରମ ରହିଛି - ଡାଟା ସାଇନ୍ସ ଏଣ୍ଡ ଆର୍ଟିଫିସିଆଲ ଇଂଟେଲିଜେନ୍ସରେ ବି.ଏସ.ଏବଂ ମ୍ୟାନେଜମେଂଟ ଏଣ୍ଡ ପବ୍ଲିକ ପଲିସିରେ ବି.ଏସ. । ଜାତୀୟ ଶିକ୍ଷା ନୀତି (ଏନ.ଇ.ପି.) ୨୦୨୦ ର ଲକ୍ଷ୍ୟକୁ ଧ୍ୟାନରେ ରଖି ଏହି ଦୁଇଟିଯାକ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ସାମ୍ପ୍ରତିକ ବୃତିଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ଡାଟା ସାଇନ୍ସ, ପରିଚାଳନା, ସର୍ବସାଧାରଣ ନୀତି ଏବଂ ସ୍ଥାୟୀତ୍ୱ ପରି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ବର୍ତମାନର କାର୍ଯ୍ୟ ସଂସ୍କୃତି ପାଇଁ ଆବଶ୍ୟକ ବୈଷୟିକ ଏବଂ କୋମଳ ଦକ୍ଷତା ହାସଲ କରିବାର ସୁଯୋଗ ପ୍ରଦାନ କରୁଛି । ସ୍ନାତକ ପାଠ୍ୟକ୍ରମର ପ୍ରମୁଖ ବିଶେଷତ୍ୱରେ ନୂତନ ଶିଳ୍ପ ଧାରା ଏବଂ ଏକାଡେମିକ ଅନୁସନ୍ଧାନ ସହିତ ସମାନତା ରକ୍ଷା କରୁଥିବା ପାଠ୍ୟଖସଡ଼ା । ବହୁମୁଖୀ ପାଠ୍ୟକ୍ରମ ଯାହା ପରିଚାଳନା, ବିପଣନ, ପ୍ରଯୁକ୍ତିବିଦ୍ୟା, ଏ.ଆଇ., ପରିଚାଳନା ପ୍ରକ୍ରିୟା, ନୀତି ଏବଂ ବିଶ୍ଳେଷଣକୁ ଏକତ୍ର କରିଥାଏ । ଲାଇଭ୍ ପ୍ରୋଜେକ୍ଟ, ଇଂଟର୍ନସିପ୍, ଶିଳ୍ପ ସହଯୋଗ ଏବଂ କ୍ଷେତ୍ର ଅନୁସନ୍ଧାନ ମାଧ୍ୟମରେ ବାସ୍ତବ ଦୁନିଆର ଅଭିଜ୍ଞତା । ଶେଷ ବର୍ଷରେ କ୍ୟାପଷ୍ଟୋନ୍ ପ୍ରୋଜେକ୍ଟ ଏବଂ ନିବନ୍ଧ (ଡିସର୍ଟେସନ୍) ଯାହା ବାସ୍ତବ ଜୀବନର ସମସ୍ୟାର ସମାଧାନ କରିଥାଏ । ଅଗ୍ରଣୀ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଏବଂ ଏ.ଆଇ. ବିଶେଷଜ୍ଞଙ୍କ ସହାୟତାରେ ପ୍ରସ୍ତୁତ ଶିଳ୍ପ-କୈନ୍ଦ୍ରିକ ମଡ୍ୟୁଲ୍ । ଏନ.ଇ.ପି. ୨୦୨୦ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରସ୍ଥାନ ପ୍ରମାଣପତ୍ର (୧ମ ବର୍ଷ), ଡିପ୍ଲୋମା (୨ୟ ବର୍ଷ), ଡିଗ୍ରୀ (୩ୟ ବର୍ଷ), ଅନର୍ସ (୪ର୍ଥ ବର୍ଷ) । ଆନ୍ତଃ-ଶୃଙ୍ଖଳିତ ଏବଂ ଦକ୍ଷତା ଭିତିକ ଶିକ୍ଷାକୁ ସମର୍ଥନ କରିବା ପାଇଁ 'କୋର୍ସେରା'ର ସମନ୍ୱିତ ସୁବିଧା । ଏହି ପାଠ୍ୟଖସଡ଼ା ଅନୁଭୂତି ଏବଂ ପ୍ରୟୋଗାତ୍ମକ ଶିକ୍ଷା ଉପରେ ଆଧାରିତ, ଯେଉଁଥିରେ ଏ.ଆଇ. ସକ୍ଷମ ଶ୍ରେଣୀଗୃହ, ଶିଳ୍ପ ସହଯୋଗ, ବ୍ୟବହାରିକ ପ୍ରୟୋଗ, କେସ୍-ଷ୍ଟଡି ଭିତିକ ଶିକ୍ଷାଦାନ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ଦ୍ୱାରା କର୍ମଶାଳା ଆୟୋଜନ କରାଯାଏ । ଛାତ୍ରଛାତ୍ରୀ ମାନେ କର୍ପୋରେଟ୍ ଇଂଟର୍ନସିପ୍ (୪ ସପ୍ତାହ ପାଇଁ) ଏବଂ ସାମାଜିକ ଇଂଟର୍ନସିପ୍ (୨ ସପ୍ତାହ ପାଇଁ) କରିବାର ସୁଯୋଗ ପାଇବେ, ଯାହା ଦ୍ୱାରା ସେମାନେ ବିଭିନ୍ନ ବିଷୟରେ ବ୍ୟବହାରିକ ଜ୍ଞାନ ଏବଂ ଅଭିଜ୍ଞତା ହାସଲ କରିପାରିବେ । ଏହି ବିଷୟରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସୱାଲ କହିଛନ୍ତି, ଏହି ବି.ଏସ. ପାଠ୍ୟକ୍ରମଗୁଡ଼ିକ ପାରମ୍ପରିକ ତାତ୍ତ୍ୱିକ ଶିକ୍ଷାରୁ ଉର୍ଦ୍ଧ୍ୱକୁ ଯାଇ ଏକ ଅଭ୍ୟାସ-କୈନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ସମାଲୋଚନାତ୍ମକ ଚିନ୍ତାଧାରା, ଡିଜାଇନ୍ ଚିନ୍ତାଧାରା, ସିମ୍ୟୁଲେସନ୍ ଏବଂ ବ୍ୟକ୍ତିଗତ ବ୍ରାଣ୍ଡିଂ ମାଧ୍ୟମରେ ଆମର ଛାତ୍ରଛାତ୍ରୀ ମାନେ ଜଟିଳ ବାସ୍ତବିକ ଆହ୍ୱାନ ଗୁଡ଼ିକର ସମାଧାନ କରିବା ପାଇଁ ସକ୍ଷମ ହେବେ । ପ୍ରଯୁକ୍ତିବିଦ୍ୟା ଏବଂ ଡାଟା-ଚାଳିତ ନିଷ୍ପତି ଗ୍ରହଣ ଉପରେ ଅଧିକ ଗୁରୁତ୍ୱ ଦେଇ ଆମେ ଭବିଷ୍ୟତର ନେତୃତ୍ୱ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ । ନମନୀୟତା, ଆନ୍ତଃ-ଶୃଙ୍ଖଳିତ ଶିକ୍ଷା ଏବଂ ଶିଳ୍ପ ସମନ୍ୱୟ ଉପରେ ଧ୍ୟାନ ଦେଇ ଆଇଆଇଏମ ସମ୍ବଲପୁରର ବି.ଏସ. ପାଠ୍ୟକ୍ରମ ସ୍ନାତକ ଶିକ୍ଷାରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଛାତ୍ରଛାତ୍ରୀଙ୍କୁ ଡାଟା, ନବସୃଜନ, ପ୍ରଶାସନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ବୃତି ଗଠନ ପାଇଁ ପ୍ରସ୍ତୁତ କରିବ । ୨୦୨୬ ଶିକ୍ଷାବର୍ଷ ପାଇଁ ଆବେଦନ ପ୍ରକ୍ରିୟା ବର୍ତମାନ ଆରମ୍ଭ ହୋଇଛି । ଅଧିକ ବିବରଣୀ ପାଇଁ ଦୟାକରି ପରିଦର୍ଶନ କରନ୍ତୁ: **https://iimsambalpur.ac.in** ଯୋଗ୍ୟତା ଏବଂ ଆଡମିଶନ ପ୍ରକ୍ରିୟା ପାଇଁ - ଡାଟା ସାଇନ୍ସ ଏଣ୍ଡ ଏ.ଆଇ. ରେ ବି.ଏସ. ଆଡମିଶନ ଜେ.ଇ.ଇ. (ମେନ୍) ୨୦୨୬ ସ୍କୋର ଏବଂ ସର୍ବନିମ୍ନ ୬୦% ମାର୍କ (ଏସ.ସି., ଏସ.ଟି., ଓ.ବି.ସି.-ଏନ.ସି.ଏଲ., ପି.ଡବ୍ଲୁ.ଡି., ଇ.ଡବ୍ଲୁ.ଏସ. ପାଇଁ ୫୫%) ଉପରେ ଆଧାରିତ । ମ୍ୟାନେଜମେଂଟ ଏଣ୍ଡ ପବ୍ଲିକ ପଲିସି ରେ ବି.ଏସ.: ଆଡମିଶନ ଆଇ.ପି.ଏମ.ଏ.ଟି. ୨୦୨୬ ସ୍କୋର ଆଇ.ଆଇ.ଏମ. ଇନ୍ଦୋର ଦ୍ୱାରା ପରିଚାଳିତ ଏବଂ ସର୍ବନିମ୍ନ ୬୦% ମାର୍କ ଏସ.ସି., ଏସ.ଟି., ଓ.ବି.ସି.-ଏନ.ସି.ଏଲ., ପି.ଡବ୍ଲୁ.ଡି., ଇ.ଡବ୍ଲୁ.ଏସ. ପାଇଁ ୫୫% ଉପରେ ଆଧାରିତ । ବ୍ୟକ୍ତିଗତ ସାକ୍ଷାତକାରରେ ମନୋନୀତ ପ୍ରାର୍ଥୀମାନଙ୍କୁ ଏକ ଅନଲାଇନ୍ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ହାଜର ହେବାକୁ ପଡ଼ିବ । ଆବେଦନ ସ୍ଥିତି- ୨୦୨୬ ବ୍ୟାଚ୍ ପାଇଁ ଆବେଦନ ପ୍ରକ୍ରିୟା ଖୋଲା ଅଛି । ପାଠ୍ୟକ୍ରମ ଶୁଳ୍କ ଅନୁଯାୟୀ ଉଭୟ ପାଠ୍ୟକ୍ରମ ପାଇଁ ଚାରି ବର୍ଷର ୮ ସେମିଷ୍ଟାର ସମୁଦାୟ ଶୁଳ୍କ ପ୍ରାୟ ୨୫ ଲକ୍ଷ ଟଙ୍କା ଅଫିସିଆଲ୍ ୱେବସାଇଟ୍ ଅନୁଯାୟୀ ଏହା ପରିବର୍ତନ ସାପେକ୍ଷ ।

# ଦୋଳସାହି ଶିଶୁ ମନ୍ଦିରରେ ପ୍ରଥମ ବାର୍ଷିକ ଉତ୍ସବ

ଭଦ୍ରକ : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧୀନସ୍ଥ ଦୋଳସାହି ସ୍ଥିତ ଆଶ୍ରମ ନିକଟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦୋଳସାହିର ପ୍ରଥମ ବାର୍ଷିକ ଉତ୍ସବ ପରିଚାଳନା କମିଟିର ସଭାପତି ରଘୁନାଥ ପଶୁପାଳକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବାସୁଦେବପୁର ସଂକୁଳର ସଂକୁଳ ପ୍ରମୁଖ କିଶୋର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତୀୟ ସଂସ୍କୃତି ଆଧାରିତ ବିଦ୍ୟାଳୟ ବିଷୟରେ ଆଲୋକପାତ କରିଥିବା ବେଳେ ଜୟପୁର ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିଶୁ ମନ୍ଦିର ଯୋଜନା ଏକ ପରିଚୟ ଓ ଶୈକ୍ଷିକ ଦିଗରେ ଶିଶୁ ମନ୍ଦିରର ବିକାଶ ଉପରେ ଆଲୋକପାତ କରିଥିଲେ । ସମାଜସେବୀ ଶୁରେଶ ଚନ୍ଦ୍ର ମହାନ୍ତି ଓ ମହେଶ ପ୍ରସାଦ ଦାସ ସମ୍ମାନିତ ଅତିଥିମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଚାଳନା କମିଟି ସମ୍ପାଦକ ସୁଦର୍ଶନ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ସଂଜୀବନି ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପରିଚାଳନା କମିଟିର ସହସମ୍ପାଦକ ଶିବ ଚରଣ ଖାମୁରାଇ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କମିଟିର କୋଷାଧ୍ୟକ୍ଷ ଧନେଶ୍ୱର ବିଶ୍ୱାଳ,ସୁକାନ୍ତ କୁମାର ନାୟକ, ଉମାକାନ୍ତ ସାମଲ,ଦ୍ରୌପଦୀ ସାହୁ,ପ୍ରତାପ ଭଟ୍ଟାଚାର୍ଯ୍ୟ,ଦିଲୀପ କୁମାର ଓଝା ପ୍ରମୁଖ ଉପସ୍ଥିତଥିଲେ । ଗୁରୁମା ରୂପ୍ସିତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ । ଏହିଅବସରରେ ବିଦ୍ୟାଳୟର ଶିଶୁ ଭାଇ ଭଉଣୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଭାରତର ଶିଶୁମାନଙ୍କୁ କେବଳ ଖାଦ୍ୟ ନୁହେଁ, ଆହୁରି ଅଧିକ କିଛି ଆବଶ୍ୟକ

ନିକଟରେ ମୋ କ୍ଲିନିକକୁ ଜଣେ ପାଂଚ ବର୍ଷର ଶିଶୁ କନ୍ୟା ଆସିଥିଲା, ଯାହାର ମାନସିକ ଓ ଶାରୀରିକ ବିକାଶ ତାର ବୟସ ତୁଳନାରେ ଯଥେଷ୍ଟ କମ୍ ଥିଲା । ବିକାଶମୂଳକ ଆକଳନରୁ ଜଣାପଡ଼ିଲା ଯେ, ପାଂଚ ବର୍ଷର ହୋଇଥିଲେ ମଧ ସେ ଜଣେ ତିନି ବର୍ଷର ଶିଶୁ ଭଳି ବ୍ୟବହାର କରୁଛି; ବିଶେଷ କରି କହିବା ଶୈଳୀ ଓ ସାମାଜିକ ମିଳାମିଶାରେ ସେ ପଛୁଆ ଥିଲା । ତେବେ ପରୀକ୍ଷା ପରେ ଜଣାପଡ଼ିଲା ଯେ ତାକୁ କୌଣସି ରୋଗ ହୋଇନାହିଁ ବରଂ କୋଭିଡ-୧୯ ସମୟର ପରିସ୍ଥିତି ହିଁ ଏହାର ମୁଖ୍ୟ କାରଣ । ଦୀର୍ଘ ଦିନ ଧରି ସ୍କୁଲ ବନ୍ଦ ରହିବା, ବାହାରେ ଖେଳକୁଦ ପରିବର୍ତ୍ତେ ମୋବାଇଲ ସ୍କ୍ରିନରେ ସମୟ ବିତାଇବା ଏବଂ ଖାଦ୍ୟପେୟରେ ବିଭିନ୍ନତା ନରହିବା କାରଣରୁ ତାର ମସ୍ତିଷ୍କ ଉପଯୁକ୍ତ ବିକାଶ ପାଇଁ ଆବଶ୍ୟକୀୟ ଉତ୍ସାହ ବା 'ଷ୍ଟିମ୍ୟୁଲେସନ' ପାଇପାରିଲା ନାହିଁ । ଏହି ଶିଶୁଟି କୌଣସି ଏକମାତ୍ର ବ୍ୟତିକ୍ରମ ନୁହେଁ, ବରଂ ବର୍ତ୍ତମାନ ଅନେକ ଶିଶୁ ବିଶେଷଜ୍ଞ ଏଭଳି ସମସ୍ୟା ଦେଖୁଛନ୍ତି । ପିଲାମାନେ ଭୂତାଣୁ ଯୋଗୁଁ ନୁହେଁ, ବରଂ ଲକଡାଉନ ପରବର୍ତ୍ତୀ ଜୀବନଶୈଳୀ ଯୋଗୁଁ ନିଜ ସ୍ୱାଭାବିକ ବିକାଶ ପଥରୁ ପଛକୁ ହଟିଯାଇଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆମକୁ କହିଛି ଯେ ପାଂଚ ବର୍ଷ ବୟସ ପୂର୍ବରୁ ମାନବ ମସ୍ତିଷ୍କର ୯୦ ପ୍ରତିଶତ ବିକାଶ ଘଟିଥାଏ, ଯାହା ଫଳରେ ପିଲାର ଜ୍ଞାନାତ୍ମକ, ଭାବପ୍ରବଣ ଏବଂ ସାମାଜିକ ଭବିଷ୍ୟତ ଗଠନ ନିମନ୍ତେ ପ୍ରାରମ୍ଭିକ ବର୍ଷଗୁଡ଼ିକ ଆମ ନିକଟରେ ସବୁଠାରୁ ବଡ଼ ସୁଯୋଗ ଦେଇଥାଏ । ଏହି ସମୟ ମଧ୍ୟରେ ଗଠିତ ସ୍ନାୟୁ ସଂଯୋଗ ଶିକ୍ଷା, ଭାଷା, ସ୍ମୃତି ଏବଂ ଜୀବନ ପାଇଁ ସ୍ଥିରତାକୁ ସୁଦୃଢ଼ କରିଥାଏ । ଏହି ସମୟ ମଧ୍ୟରେ ସଠିକ୍ ଭାବରେ ପୁଷ୍ଟିସାର ପାଇବା ହେଉଛି ଆମେ କରିପାରିବାର ସବୁଠାରୁ ଶକ୍ତିଶାଳୀ ନିବେଶ ମଧ୍ୟରୁ ଅନ୍ୟତମ । ଲୌହସାର, ଜିଙ୍କ ଏବଂ ସେଲେନିୟମ ଭଳି ସୂକ୍ଷ୍ମ ପୁଷ୍ଟିସାର, ଯାହାକୁ ପ୍ରାୟତଃ ନ୍ୟୁରୋନ୍ୟୁଟ୍ରିଏଂଟ୍ ଭାବରେ ବର୍ଣ୍ଣିତ କରାଯାଏ, ସୁସ୍ଥ ମସ୍ତିଷ୍କର ସନ୍ତୁଳିତ ବିକାଶ ଏବଂ କାର୍ଯ୍ୟ କ୍ଷମତା ବୃଦ୍ଧି ନିମନ୍ତେ ଅତ୍ୟାବଶ୍ୟକ । ତଥାପି ବାସ୍ତବ ତଥ୍ୟ ଆମ ସମ୍ମୁଖରେ ଏକ ଚିନ୍ତାଜନକ କାହାଣୀ ଉପସ୍ଥାପନ କରେ । ଭାରତରେ ପାଂଚ ବର୍ଷରୁ କମ୍ ବୟସର ପ୍ରାୟ ୫୦% ପିଲାଙ୍କୁ କେବଳ ଲୌହସାର ଅଭାବ ପ୍ରଭାବିତ କରେ (ଏନ.ଏଫ.ଏଚ.ଏସ.-୫) । ପାଂଚ ବର୍ଷରୁ କମ୍ ବୟସର ୬୭.୧% ପିଲାଙ୍କ ମଧ୍ୟରେ ରକ୍ତହୀନତା ରେକର୍ଡ କରାଯାଇଥିଲା, ଯାହା ପୂର୍ବ ସର୍ଭେ ତୁଳନାରେ ଅଧିକ ବୋଲି ଜଣାଯାଏ । ୧୨ରୁ ୫୯ ମାସ ବୟସର ଶିଶୁମାନଙ୍କର ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରୁଥିବା ବିଶ୍ଲେଷଣ ସମେତ ସାମ୍ପ୍ରତିକ ପ୍ରମାଣରୁ ଜଣାପଡିଛି ଯେ ୬୦%ରୁ ଅଧିକ ଲୋକଙ୍କ ମଧ୍ୟରେ ରକ୍ତହୀନତା ସହିତ କିମ୍ବା ବିନା ସୂକ୍ଷ୍ମ ପୁଷ୍ଟିସାରର ଅଭାବ ରହିଛି । ଏହା କେବଳ ହିମୋଗ୍ଲୋବିନ୍ ଗଣନା ପ୍ରକାଶ କରିବା ଅପେକ୍ଷା ପର୍ଯ୍ୟାପ୍ତ ତଥା ବ୍ୟାପକ ପୁଷ୍ଟିସାର ବ୍ୟବଧାନକୁ ସୂଚିତ କରେ । ଡୋକୋସାହେକ୍ସାଏନୋଇକ୍ ଏସିଡ୍ (ଡି.ଏଚ.ଏ.), ଏକ ଓମେଗା-୩ ଫ୍ୟାଟି ଏସିଡ୍, ମସ୍ତିଷ୍କ ଗଠନ, ସ୍ମୃତି ଗଠନ ଏବଂ ଦୃଶ୍ୟ ବିକାଶକୁ ସହାୟତା କରିଥାଏ । କୋଲାଇନ୍, ଅନ୍ୟ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ ଯାହାକୁ ଏବେ ମସ୍ତିଷ୍କ ବିକାଶ ପାଇଁ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଉଛି । ଯେତେବେଳେ ମାଆମାନେ ଗର୍ଭାବସ୍ଥାରେ କୋଲାଇନ୍ ସେବନ କରନ୍ତି, ଏହା ସୁସ୍ଥ ଜିନ୍ କାର୍ଯ୍ୟକଳାପ ଏବଂ କୋଷ ଗଠନ ଏବଂ ମୁଖ୍ୟ ମସ୍ତିଷ୍କ କ୍ଷେତ୍ରଗୁଡ଼ିକର ବିକାଶରେ ସହାୟକ ହୋଇଥାଏ - ସ୍ମୃତିଶକ୍ତି ଏବଂ ଚିନ୍ତାଧାରା ପାଇଁ ଦାୟୀ କ୍ଷେତ୍ରଗୁଡ଼ିକ ସମେତ । ଏହି ପୁଷ୍ଟିକର ପଦାର୍ଥଗୁଡ଼ିକ ପିଲାର ଖାଦ୍ୟରେ ଆଦୌ ଇଚ୍ଛାଧୀନ ଯୋଗ ନୁହେଁ; ବରଂ ଏଗୁଡ଼ିକ ସେମାନଙ୍କର ସମ୍ଭାବନାର ମୂଳଦୁଆ ବୋଲି କୁହାଯାଇ ପାରେ । ଶିଶୁର ଜୀବନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ହସ୍ତକ୍ଷେପ ଜନ୍ମ ପୂର୍ବରୁ ଆରମ୍ଭ ହୋଇଥାଏ । ମସ୍ତିଷ୍କ ବିକାଶ ଭ୍ରୁଣ ପର୍ଯ୍ୟାୟରେ ଆରମ୍ଭ ହୁଏ ଏବଂ ଜଣେ ମାଆର ପୁଷ୍ଟିକର ସ୍ଥିତି ସିଧାସଳଖ ତା'ର ଗର୍ଭସ୍ଥ ଶିଶୁ ଯେଉଁ ସ୍ନାୟୁ ଭିତିଭୂମିକୁ ବିଶ୍ୱରେ ବହନ କରେ ତାହାକୁ ଆକାର ଦିଏ । ଡି.ଏଚ.ଏ. ଗର୍ଭାଶୟରେ ସ୍ନାୟୁ ସଂଯୋଗକୁ ସହାୟକ ହୋଇଥାଏ; ଗର୍ଭାବସ୍ଥାରେ ଲୌହସାର ଏବଂ ଫୋଲିକ୍ ଏସିଡ୍ ସପ୍ଲିମେଂଟେସନ୍ ଜନ୍ମ ସମୟରେ କମ୍ ଓଜନଯୁକ୍ତ ଏବଂ ବିକାଶଗତ ବିଳମ୍ବର ବିପଦକୁ ହ୍ରାସ କରିଥାଏ । ତଥାପି ଭାରତରେ କେବଳ ୪୪% ଗର୍ଭବତୀ ମହିଳା ସୁପାରିଶ କରାଯାଇଥିବା ୧୮୦ କିମ୍ବା ଅଧିକ ଦିନ (ଏନ.ଏଫ.ଏଚ.ଏସ.-୫) ପାଇଁ ଲୌହ-ଫୋଲିକ୍ ଏସିଡ୍ ସପ୍ଲିମେଂଟେସନ୍ ସେବନ କରନ୍ତି, ଏକ ବ୍ୟାପକ ଏବଂ ସମାଧାନ ଯୋଗ୍ୟ ସୁଯୋଗକୁ ପ୍ରତିନିଧିତ୍ୱ କରେ । ଏହି କାରଣରୁ କିଶୋରୀ ଝିଅମାନଙ୍କ କ୍ଷେତ୍ରରେ ଏଭଳି ସହାୟତା ଯୋଗାଣ ନିମନ୍ତେ ନିବେଶକୁ ପରବର୍ତ୍ତୀ ପିଢ଼ି ପାଇଁ ଏକ ବିନିଯୋଗ ବୋଲି ବିବେଚନା କରାଯାଇପାରେ । ଜଣେ ଭଲ ପୋଷଣପ୍ରାପ୍ତ ଝିଅ ଭବିଷ୍ୟତରେ ଜଣେ ଭଲ ପୋଷଣପ୍ରାପ୍ତ ମାଆ ହୋଇଯାଏ ଏବଂ ଜଣେ ଭଲ ପୋଷଣପ୍ରାପ୍ତ ମାଆ ନିଜର ସନ୍ତାନମାନଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ପ୍ରାରମ୍ଭିକ ପର୍ଯ୍ୟାୟର ସହାୟତା ପ୍ରଦାନ କରେ । ଭାରତରେ ୫୯% କିଶୋରୀ ଝିଅ ରକ୍ତହୀନତା (ଏନ.ଏଫ.ଏଚ.ଏସ.-୫) ସହିତ, ବିଦ୍ୟାଳୟ, ଗୋଷ୍ଠୀ କାର୍ଯ୍ୟକ୍ରମ ଏବଂ ଲକ୍ଷ୍ୟଭିତିକ ପରିପୂରକ ମାଧ୍ୟମରେ ଏହି ଗୋଷ୍ଠୀକୁ ପ୍ରାଥମିକତା ଦେବା ସମଗ୍ର ଯତ୍ନର ନିରନ୍ତର ପ୍ରଭାବଶାଳୀ ହସ୍ତକ୍ଷେପ ମଧ୍ୟରୁ ଅନ୍ୟତମ । ଯଦିଓ ପୁଷ୍ଟି ଗୁରତ୍ୱପୂର୍ଣ୍ଣ, ମସ୍ତିଷ୍କ ବିକାଶ ପାଇଁ ଦୁଇଟି ସମାନ୍ତରାଳ ଇନପୁଟ୍ ଆବଶ୍ୟକ । ସେଗୁଡ଼ିକ ହେଲା- ପର୍ଯ୍ୟାପ୍ତ ପୁଷ୍ଟିକର ଖାଦ୍ୟ ଏବଂ ଭାବପ୍ରବଣ- ସାମାଜିକ ପ୍ରେରକ ଶକ୍ତି । କରୋନା ମହାମାରୀ ଏହାକୁ ବ୍ୟାପକ ଭାବରେ ଦର୍ଶାଇଛି । ୟୁନିସେଫ୍ ଆକଳନ କରିଛି ଯେ ବିଶ୍ୱ ସ୍ତରରେ ପ୍ରତି ସାତ ଜଣ ପିଲାଙ୍କ ମଧ୍ୟରୁ ଜଣେ କୋଭିଡ୍-୧୯ ସମୟରେ ଗୁରୁତ୍ୱପୂର୍ଣ୍ଣ ବିକାଶ ମୂଳକ କିମ୍ବା ଶିକ୍ଷଣ କ୍ଷତିରେ ଆକ୍ରାନ୍ତ ହୋଇଛନ୍ତି । ମୁଖ୍ୟତଃ ଏହା ଅସୁସ୍ଥତା କାରଣରୁ ନୁହେଁ, ବରଂ ସମକକ୍ଷ ପାରସ୍ପରିକ କ୍ରିୟା, କଥାବାର୍ତ୍ତା ଏବଂ ଖେଳକୁଦ ଆଦି ବ୍ୟବସ୍ଥା ପ୍ରତ୍ୟାହାରରୁ । ଟେଲିଭିଜନ ହେଉ ଅବା ମୋବାଇଲ୍ ଫୋନର ସ୍କ୍ରିନଗୁଡ଼ିକ ମାନବ ସଂଯୋଗକୁ ବଦଳାଇଲା ଏବଂ ଭାଷା, ମୋଟର ଏବଂ ଏହା ଫଳରେ ସାମାଜିକ ବିକାଶ କ୍ଷତିଗ୍ରସ୍ତ ହେଲା । ପ୍ରତିକ୍ରିୟାଶୀଳ ଯତ୍ନ, ମୌଖିକ କ୍ରିୟା, ସ୍ୱର୍ଶକାତର କାର୍ଯ୍ୟ ଏବଂ ଏକ ଉତେଜକ ପରିବେଶ ସ୍ନାୟୁଗତ ଭାବରେ ରଚନାତ୍ମକ ଏବଂ ସୁସ୍ଥ ମସ୍ତିଷ୍କ ଗଠନ ପାଇଁ ଅତ୍ୟାବଶ୍ୟକ ।



ଡକ୍ଟର ଶରତ ଗୋପାଳନ

ପ୍ରାରମ୍ଭିକ ଶୈଶବ କାର୍ଯ୍ୟକ୍ରମ ଯାହା ପୁଷ୍ଟି ସମର୍ଥନ ଏବଂ ବିକାଶମୂଳକ ପ୍ରେରକଶକ୍ତି, ଉଭୟକୁ ଏକୀକୃତ କରେ ଏପରି ଫଳାଫଳ ସୃଷ୍ଟି କରେ ଯାହା ଉଭୟ ଏକାସଙ୍ଗେ ହାସଲ କରିପାରିବେ ନାହିଁ । ଭାରତର କାର୍ଯ୍ୟକ୍ରମ ଢାଂଚା ଏହା ଉପରେ କାର୍ଯ୍ୟ କରିବା ପାଇଁ ସମର୍ଥ । ପୋଷଣ ଅଭିଯାନ ଏବଂ ପି.ଏମ.- ପୋଷଣ ଭଳି କାର୍ଯ୍ୟକ୍ରମ ପୂର୍ବରୁ ସାରା ଦେଶରେ ଲକ୍ଷ ଲକ୍ଷ ମା' ଏବଂ ଛୋଟ ପିଲାଙ୍କ ପାଖରେ ପହଂଚି ସାରିଛି । ପୋଷଣ ପଖୱାଡ଼ା ଭଳି ପଦକ୍ଷେପ ପୁଷ୍ଟିସାର ଚତୁଃଦିଗରେ ନିରନ୍ତର, ଗୋଷ୍ଠୀ-ସ୍ତରୀୟ ଗତିଶୀଳତାର ଶକ୍ତି ପ୍ରଦର୍ଶନ କରେ । ପ୍ରସବ ଢାଂଚା, ଯାହା ଅଙ୍ଗନୱାଡ଼ି ନେଟୱାର୍କ, ଛାମୁଆ କର୍ମୀ ଏବଂ ଗୋଷ୍ଠୀସ୍ତରୀୟ ପହଂଚ, ତାହା ଯଥା ସ୍ଥାନରେ ଅଛି । ବର୍ତ୍ତମାନ ସୁଯୋଗ ହେଉଛି ସେହି ଢାଂଚା ଯାହା ପ୍ରଦାନ କରେ ତାହାକୁ ଆହୁରି ଗଭୀର କରିବା । ସଠିକ୍ ତାଲିମ ଏବଂ ସମର୍ଥନ ସହିତ, ସେମାନେ ଶାରୀରିକ ବିକାଶ ଟ୍ରାକିଂ କରିବାଠାରୁ ଆରମ୍ଭ କରି ପ୍ରାରମ୍ଭିକ ଉତ୍ସାହ, ପ୍ରତିକ୍ରିୟାଶୀଳ ଯତ୍ନ ଏବଂ ଶିଶୁ ବିକାଶ ଅଭ୍ୟାସ ଉପରେ ପିତାମାତାଙ୍କୁ ମାର୍ଗଦର୍ଶନ କରିବା ପର୍ଯ୍ୟନ୍ତ ସେମାନଙ୍କର ଭୂମିକାକୁ ବିସ୍ତାର କରିପାରିବେ । ପୁଷ୍ଟିସାର, ସ୍ୱାସ୍ଥ୍ୟ, ସୁରକ୍ଷା, ପ୍ରାରମ୍ଭିକ ଶିକ୍ଷା ଏବଂ ଯତ୍ନକୁ ଏକ ସୁସଙ୍ଗତ ସମଗ୍ରରେ ସଂଯୋଗ କରୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁ.ଏଚ.ଓ.) ଏବଂ ୟୁନିସେଫ୍ ପୋଷ୍ୟ ଯତ୍ନ ଢାଂଚାକୁ ଏକୀକୃତ କରିବା, ଏହି ବିବର୍ତ୍ତନ ପାଇଁ ଏକ ସ୍ୱଷ୍ଟ ଏବଂ ବୈଜ୍ଞାନିକ ରୋଡମ୍ୟାପ୍ ପ୍ରଦାନ କରେ । ଏହା କେବଳ ପିଲାମାନଙ୍କୁ ଖାଦ୍ୟ ଦେବାରୁ ସେମାନଙ୍କୁ ପ୍ରକୃତରେ ଉନ୍ନତି କରିବାରେ ସାହାଯ୍ୟ କରିବା ଲକ୍ଷ୍ୟକୁ ଘୁଂଚାଏ । ଭାରତର 'ବିକଶିତ ଭାରତ' ଗଠନର ଏକ ବଡ଼ ସ୍ୱପ୍ନ ଓ ମହତ୍ୱାକାଂକ୍ଷା ରହିଛି । ଆମ ପାଖରେ ଏଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଏବଂ ବିଜ୍ଞାନ ମଧ ଉପଲବ୍ଧ ଅଛି । କିନ୍ତୁ ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ ହେଉଛି ଏକ ସାମୂହିକ ସଂକଳ୍ପ, ଯେଉଁଠାରେ ଶିଶୁର ପ୍ରାରମ୍ଭିକ ପୋଷଣକୁ କେବଳ ଏକ ସାଧାରଣ କଲ୍ୟାଣକାରୀ ଯୋଜନା ଭାବେ ନଦେଖି, ଏହାକୁ ଦେଶର ଉନ୍ନତିର ଭିତିଭୂମି ଭାବେ ଗ୍ରହଣ କରାଯିବ । ଯଦି ଆମେ ଆମର ଭବିଷ୍ୟତ ବଂଶଧରଙ୍କ ସ୍ୱାସ୍ଥ୍ୟ ଓ ପୋଷଣକୁ ଗୁରୁତ୍ୱ ନଦେବା, ତେବେ ଅନ୍ୟ ସମସ୍ତ ବିକାଶ ଅର୍ଥହୀନ ହୋଇପଡ଼ିବ । ତେଣୁ ଏହି ମୂହୁର୍ତରେ ଶିଶୁ ପୋଷଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏକ ସୁଦୃଢ଼ ଭାରତର ମୂଳଦୁଆ ପକାଇବା ଅତ୍ୟନ୍ତ ଆବଶ୍ୟକ ।

***(ଲେଖକ ନୂଆଦିଲ୍ଲୀ ସ୍ଥିତ ମଧୁକର ରେନବୋ ଚିଲଡ୍ରେନ୍ସ ହସ୍ପିଟାଲର ବରିଷ୍ଠ ପରାମର୍ଶଦାତା, ଶିଶୁ ଗ୍ୟାଷ୍ଟ୍ରୋଏଂଟେରୋଲୋଜି ଏବଂ ଭାରତୀୟ ପୁଷ୍ଟିସାର ସମାଜ (ଏନ.ଏସ.ଆଇ.)ର ସଭାପତି)***

# ଏସିଡିସି ବୈଠକରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା



ଧାମନଗର(ନିପ୍ର) : ଧାମନଗର ନିର୍ବାଚନ ମଣ୍ଡଳୀ ବିକାଶ କମିଟି (ଏସିଡିସି) ବୈଠକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈଠକରେ ଯୋଗଦେଇ ବିଗତ ବର୍ଷ ଓ ଚଳିତ ବର୍ଷରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ, ଖାଉଟି ଯୋଗାଣ, ମତ୍ସ୍ୟ, ଉଦ୍ୟାନ, ଗମନାଗମନ, ମିଶନ ଶକ୍ତି, ପ୍ରାଣୀ ସମ୍ପଦ, ଉଠା ଜଳସେଚନ, ପୂର୍ତ୍ତ, ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ଜଳ ନିଷ୍କାସନ ବିଭାଗର ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସଠିକ୍ ଭାବେ ଚାଲୁଛି କି ନାହିଁ, ସେନେଇ ଖୁବ୍ ତଥ୍ୟାତ୍ମକ ଆଲୋଚନା ହୋଇଥିଲା । ଆଗାମୀ ବର୍ଷା ଋତୁ ପୂର୍ବରୁ ସମସ୍ତ ଅପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ଧାନ ଚାଷ, ତୈଳବୀଜ ଫସଲ, ଝୋଟ, ମାଛ ଚାଷ, ଛତୁ ଚାଷ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସ୍ୱାବଲମ୍ବନ ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ପ୍ରସ୍ତୁତ କରୁଥିବା ସାମଗ୍ରୀର ବିକ୍ରୟ ବୃଦ୍ଧି କରି ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନଗର ବିଜେପିର ବିଶାଳ ଜନ ଆକ୍ରୋଶ ମହିଳା ସମାବେଶ



କେନ୍ଦୁଝର(ନିପ୍ର): କେନ୍ଦୁଝର ନଗର ମଣ୍ଡଳ ବିଜେପି ତରଫରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହେଇଯାଇଛି । କେନ୍ଦୁଝର ନଗର ବିଜେପି ମଣ୍ଡଳ ପକ୍ଷରୁ ଶହଶହ ମହିଳା ଏକ ବିଶାଳ ପଦଯାତ୍ରା ରେ ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ । କେନ୍ଦୁଝର ନଗର ମଣ୍ଡଳ ସଭାପତି ଅସିତ ନନ୍ଦନ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସାବିତ୍ରୀ ବିଶ୍ୱାଳ, ଜିଲ୍ଲା ସମ୍ପାଦିକା ଯଶସ୍ୱିନୀ ବଳ, ଜିଲ୍ଲା ସମ୍ପାଦକ ବିଶ୍ୱଜିତ ତ୍ରିପାଠୀ, ନଗର ମଣ୍ଡଳ ପ୍ରଭାରୀ ଦିଲ୍ଲୀପ କୁମାର ପଣ୍ଡା, ବରିଷ୍ଠ ନେତ୍ରୀ କିରଣବାଳା ନାୟକ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଙ୍କା ସିଂ ରାଣା , ନଗର ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର, ଦୁର୍ଗା ବାରିକ, ଉପସଭାନେତ୍ରୀ ମଞ୍ଜରୀ ମୁର୍ମୁ, ଶିବ କୁମାର ରାଠୋର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ସଂସଦରେ ମହିଳା ସଂରକ୍ଷଣ ବିଲ କାଟ୍ ଖାଇବା ପ୍ରସଙ୍ଗରେ ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ ଦାବିରେ କେନ୍ଦୁଝର ନଗର ବିଜେପି ମଣ୍ଡଳ ପକ୍ଷରୁ ଏହି ପଦଯାତ୍ରା ଆୟୋଜନ କରାଯାଇଥିଲା ।

## ପେଟ୍ରୋଲ ପମ୍ପରେ ଲମ୍ୱା ଲାଇନ

ସୋର(ନିପ୍ର): ପେଟ୍ରୋଲ ଡିଜେଲ ଓ ରନ୍ଧନ ଗ୍ୟାସର ଅଭାବ ଦେଖାଯାଇଥିବା ବେଳେ ଏହାର ପ୍ରଭାବ ସୋରରେ ପଡିଛି । ଗତ କିଛି ଦିନ ହେବ ସୋରରେ ଥିବା ପେଟ୍ରୋଲ ପମ୍ପ ଗୁଡିକରେ ଲୋକଙ୍କ ଭିଡ ଜମିରହୁଥିବା ବେଳେ ୨ଶହ ଟଙ୍କାରୁ ଅଧିକ ଟଙ୍କାର ପେଟ୍ରୋଲ ଦିଆ ଯାଉନଥିଲା । ମାତ୍ର ଗତକାଲି ଠାରୁ ପ୍ରତି ପେଟ୍ରୋଲ ପମ୍ପରେ ଭିଡ ଜମିଥିବା ଦେଖା ଯାଇଛି । ଘଂଟା ଘଂଟା ଧାଡିରେ ରହି ଲୋକେ ପେଟ୍ରୋଲ ନେଉଥିବା ବେଳେ ପେଟ୍ରୋଲ ସଙ୍କଟ ପାଇଁ ଜଣଙ୍କୁ ୫୦ ଟଙ୍କାର ପେଟ୍ରୋଲ ଦିଆଯାଉଛି । ଅଧିକ ପେଟ୍ରୋଲ ମିଳୁନଥିବାରୁ ଲୋକେ ବିଭନ୍ନ ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି । ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । କିଛି ଲୋକ ଗାଡି ଘରେ ରଖି ବସ କିମ୍ବା ଟ୍ରେନରେ ଯାତ୍ରା କରୁଥିବା ବେଳେ ଅନେକ ଲୋକ ସାଇକେଲ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି ।

# ଗୋଶାଳା ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ



ନୀଳଗିରି(ନିପ୍ର): ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୪ନଂ. ୱାର୍ଡ ମିରିଗିଣି ସ୍ଥିତ ଖପରାବଣିଆଁ ଠାରେ ସକାଳେ ୮.୩୦. ସମୟରେ ଏକ ଗୋଶାଳା ନିର୍ମାଣ ପାଇଁ ଶୁଭ ଭିତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ମାନ୍ୟବର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ସମ୍ମାନୀତ ଅତିଥି ଗଣଙ୍କ ମଧ୍ୟରେ ମାନ୍ୟବର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ,ଏନ୍. ଏ. ସି. ଭାର ପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏନ୍.ଏ.ସି.କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଉପଖଣ୍ଡ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶୁଭାଶିଷ ମହାପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସମସ୍ତ ୱାର୍ଡର କାଉନସିଲର, ଉକ୍ତ ଅଂଚଳର ବୁଦ୍ଧିଜୀବି, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଏ ଅଂଚଳରେ ଗୋମାତା ଗୋ ସମ୍ପଦର ସୁରକ୍ଷା ଏବଂ ସଂରକ୍ଷଣ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଗୋଶାଳା ନିର୍ମାଣ କରିବା ପାଇଁ ଏନ୍.ଏ.ସି.ପକ୍ଷରୁ ଜାଗା ଚିହ୍ନଟ ବା ନିରୁପଣ କରାଯାଇଥିଲା । ଏହା ମିରିଗିଣି ସ୍ଥିତ ଖପରା ବଣିଆ ଠାରେ ୩ ଏକର ରୁ ଉର୍ଦ୍ଧ ଜମିରେ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଗୋଶାଳାର ଶୁଭ ଭିତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଗୋସମ୍ପଦର ରକ୍ଷଣା ବେକ୍ଷଣା ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କୁ ତ୍ୱରାନିତ କରାଯିବା ଉପରେ ଉଭୟ ମାନ୍ୟବର ବାଲେଶ୍ୱର ସାଂସଦ ଏବଂ ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଥିଲେ । ଏହି ଗୋଶାଳାର କଳେବରକୁ ସରକାରଙ୍କ ପକ୍ଷରୁ ଅନୁଦାନ ମିଳିଲେ ପର୍ଯ୍ୟାୟ କ୍ରମେ ବଢ଼ା ଯାଇ ପାରେ ବୋଲି ଏନ୍.ଏ. ସି. କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ାଙ୍କ ପକ୍ଷରୁ ସୂଚନା ମିଳିଛି ।

## ନୂତନ ତହସିଲଦାରଙ୍କ ଯୋଗଦାନ

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ତହସିଲରେ ନୂତନ ତହସିଲଦାର ଭାବେ ଅନୂପ କୁମାର ବେହେରା କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ପୂର୍ବରୁ ରେମୁଣା ତହସିଲଦାର ଭାବେ ଅଭିଷିକ୍ତ ଥିଲେ । ଖଇରାରେ ଯୋଗଦାନ ପରେ ଖଇରା ସାମ୍ବାଦିକ ସଂଘ, ବରିଷ୍ଠ ନାଗରିକ ମଂଚ, ଆଂଚଳିକ ବ୍ରାହ୍ମଣ ସମିତି ଓ ଜନଜାଗରଣ ମଂଚର କର୍ମକର୍ତ୍ତା ମାନେ ଭେଟି ଖଇରାର ଉନ୍ନତି ସମ୍ପର୍କରେ ଆଲୋଚନା କରିଛନ୍ତି । ନୂତନ ତହସିଲଦାର ଆଲୋଚନା ପ୍ରସଙ୍ଗରେ ଖଇରାବାସୀ ସହଯୋଗ ରହିଲେ ଯାହା ତାଙ୍କ ଦ୍ୱାରା ସମ୍ଭବ ତାହା କରିବାକୁ ପ୍ରସ୍ତୁତ ଅଛନ୍ତି । ଯେଭଳି ଖଇରା ତହସିଲକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣଙ୍କୁ ସେବା ମିଳିପାରିବ ତାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି ।

# ଆଚାର୍ଯ୍ୟ ହରିହର କର୍କଟ ରୋଗ ଗବେଷଣା ପ୍ରତିଷ୍ଠାନରେ ବିଶ୍ୱ ସେବିକା ଦିବସ ପାଳିତ



କଟକ(ନିପ୍ର): ଆନ୍ତର୍ଜାତିକ ସେବିକା ଦିବସ ପ୍ରତିବର୍ଷ ୧୨ମଇରେ ଆଧୁନିକ ନର୍ସିଂର ଜନକ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନ ଅବସରରେ ପାଳନ କରାଯାଏ । ସ୍ୱାସ୍ଥ୍ୟ କ୍ଷେତ୍ରରେ ସେବିକା ମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ଏବଂ ସେମାନଙ୍କୁ ସମ୍ମାନ ଜଣାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଆଚାର୍ଯ୍ୟ ହରିହର କର୍କଟ ରୋଗ ଗବେଷଣା ପ୍ରତିଷ୍ଠାନରେ କାର୍ଯ୍ୟରତ ସେବିକା ମାନଙ୍କ ଆୟୋଜନରେ ବିଶ୍ୱ ସେବିକା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ଡାଇରେକ୍ଟର କ୍ୟାପଟେନ୍ ଡକ୍ଟର ଦୀପକ ରାଉତରାୟ, ମଂଚାସୀନ ଅତିଥି ମାନେ ହେଲେ ଏ ଏଚ ପି ଜି ଆଇ ସି ର ଡିନ ଏବଂ ପ୍ରିନ୍ସିପାଲ ପ୍ରଫେସର ରେଖା ଦାସ, ଅଧୀକ୍ଷକ ପ୍ରଫେସର ନିହାରିକା ପଣ୍ଡା, ନର୍ସିଂ ଅଧୀକ୍ଷକ ବାସନ୍ତୀଲତା ନାୟକ ପ୍ରମୁଖ ଅଭିଭାଷଣରେ ନର୍ସ ମାନଙ୍କର ଭୂମିକା ବିଷୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସଂଯୋଜିକା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ବବିତା ମହାନ୍ତି, କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ସସ୍ମିତା ଭୋଇ, ଲଳିତା ଭୂୟାଁ, ସରୋଜିନୀ ନାୟକ, ମଣି ଜେନା, ରତ୍ନ ପାରମାଣିକ, କଳ୍ପନା ମଞ୍ଜରୀ ପଟ୍ଟନାୟକ ଓ ସୁବ୍ରତ ତ୍ରିପାଠୀ ।



# 'ସହଯୋଗ' ମାଧ୍ୟମରେ ସହରୀ ଗରିବଙ୍କ ସଶକ୍ତିକରଣ;

ଝାରସୁଗୁଡ଼ା,(ନି.ପ୍ର.):ଂଚ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ସମସ୍ତଙ୍କ ପାଇଁ ସୁବିଧା, ସମସ୍ତଙ୍କୁ ସମ୍ମାନ ମନ୍ତ୍ରକୁ ସାକାର କରିବା ଦିଗରେ ଝାରସୁଗୁଡ଼ା ପୌରପାଳିକା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୧ ମଇ ୨୦୨୫ରେ ଆରମ୍ଭ ହୋଇଥିବା 'ସହଯୋଗ' ଅଭିଯାନ ହେଉଛି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ସାଧାରଣ ଜନତାଙ୍କ ନିକଟରେ ପହୁଂଚାଇବାର ଏକ ଅଭିନବ ପ୍ରୟାସ ।ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ୧୩ ଟି ଯୋଜନା ଅନ୍ତର୍ଭୁକ୍ତ ମୁଖ୍ୟତଃ ମଧୁବାବୁ ପେନସନ ଯୋଜନା (ଗଈଚଣ), ପିଏମଏୱାଇ-ୟୁ (ଚଗଈଣ-ଟ) ଆବାସ ଯୋଜନା, ସୁଭଦ୍ରା ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ସୁବିଧାଗୁଡ଼ିକୁ ହିତାଧିକାରୀଙ୍କ ପାଖରେ ପହଂଚାଯାଉଛି । ଏହି ଅଭିଯାନ ମାଧ୍ୟମରେ ସହରର ବଂଚିତ ଶ୍ରେଣୀଙ୍କୁ ସରକାରୀ ଯୋଜନା ସହ ଯୋଡ଼ିବା ପ୍ରକ୍ରିୟା ଜୋରଦାର ହୋଇଛି । ଏହି କ୍ରମରେ ଆଜି ଝାରସୁଗୁଡ଼ା ପୌର ନିର୍ବାହୀ ଅଧିକାରୀ ଲେପ୍ରୋସୀ କଲୋନୀ ପରିଦର୍ଶନ କରି ଅନ୍ତେବାସୀଙ୍କ ସୁଖ-ଦୁଃଖ ବୁଝିବା ସହ ସେମାନଙ୍କୁ ସରକାରୀ ଯୋଜନାର ସୁଫଳ ବାବଦରେ ସଚେତନ କରାଇବା ସହ ନିଜର ବିଭିନ୍ନ ଦସ୍ତାବିଜ ଗୁଡ଼ିକୁ ପୌରପାଳିକା ନିକଟରେ ଜମା କରିବା ପାଇଁ କହିଥିଲେ । ଏଥିସହ ପୌରପାଳିକା କର୍ମଚାରୀଙ୍କୁ ନିର୍ଦ୍ଧାରିତ ସମୟରେ ସଠିକ୍ ଭାବେ ଲୋକଙ୍କ ପାଖରେ ପହଂଚିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଲେପ୍ରୋସୀ କଲୋନୀରେ ଏକ ମିନି ପାର୍କ ପାଇଁ ଜାଗା ନିର୍ଦ୍ଧାରଣ କରାଯାଇଅଛି । ସେଠାରେ ବସ ବାସ କରୁଥିବା ଲୋକଙ୍କ ପାଇଁ କମ୍ୟୁନିଟୀ ଶୌଚାଳୟ ଆଦି ନିର୍ମାଣ ପାଇଁ ଜାଗା ନିର୍ଦ୍ଧାରଣ କରାଯାଇଅଛି ।ସୂଚନା ଅନୁସାରେ, ଝାରସୁଗୁଡ଼ା ପୌରପାଳିକାରେ ୨୦୨୫ ନଭେମ୍ବର ମାସରୁ ଆରମ୍ଭ ହୋଇଥିବା ଏହି ସର୍ଭେ କାର୍ଯ୍ୟରେ ୩୯ ଜଣ ସ୍ୱଚ୍ଛ ସାଥୀ ନିୟୋଜିତ ଅଛନ୍ତି । ଏହି ସ୍ୱଚ୍ଛ ସାଥୀମାନେ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀଙ୍କ ତଥ୍ୟ ସଂଗ୍ରହ କରୁଥିବା ବେଳେ ବର୍ତମାନ ସୁଦ୍ଧା ସମୁଦାୟ ୬,୪୪୬ ପରିବାରର ସର୍ଭେ ସମ୍ପୂର୍ଣ୍ଣ ହୋଇଛି । ସେଥିମଧ୍ୟରୁ ବିଭିନ୍ନ ଯୋଜନା ପାଇଁ ୬୫୬ ଜଣ ଆବେଦନ କରିଥିବା ବେଳେ ୧୮୫ ଜଣଙ୍କୁ ସଫଳତାର ସହ ଯୋଜନା ସଂଯୋଗ (ଖସଭଳବଶର) କରାଯାଇସାରିଛି ।କୁଷ୍ଠ ରୋଗରେ ପୀଡ଼ିତ ବ୍ୟକ୍ତିବିଶେଷଙ୍କ ପାଇଁ ସରକାରୀ ସେବାକୁ ସହଜ କରିବା ପାଇଁ 'ସହଯୋଗ' ଏକ ବରଦାନ ସଦୃଶ ହୋଇଛି । ଏହି ପରିଦର୍ଶନ ଅବସରରେ ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, 'ମୁଖ୍ୟମନ୍ତ୍ରୀଙ୍କ 'ପ୍ରୋ-ଆକ୍ଟିଭ ଗଭର୍ଣ୍ଣାନ୍ସ' ଅନୁଯାୟୀ ଆମେ ପ୍ରତିଟି ଅସହାୟ ଲୋକଙ୍କ ପାଖରେ ପହଂଚିବାକୁ ଲକ୍ଷ୍ୟ ରଖିଛୁ । 'ସହଯୋଗ' ମାଧ୍ୟମରେ କେହି ଯେପରି ସରକାରୀ ସୁବିଧାରୁ ବଂଚିତ ନହୁଅନ୍ତି, ସେଥିପାଇଁ ଆମର ସ୍ୱଚ୍ଛ ସାଥୀମାନେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି । ଲେପ୍ରୋସୀ କଲୋନୀର ପ୍ରତିଟି ବ୍ୟକ୍ତିଙ୍କୁ ସମ୍ମାନର ସହ ବଂଚିବାର ଅଧିକାର ଦେବା ଆମର ପ୍ରାଥମିକତା ଏଠାରେ ଉଲ୍ଲେଖଯୋଗ୍ୟ ଯେ, 'ସହଯୋଗ' ଅଭିଯାନ ମାଧ୍ୟମରେ ଝାରସୁଗୁଡ଼ା ପୌରପାଳିକାରେ ୨୦୨୫ ନଭେମ୍ବର ମାସରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ସାଥୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି, ଯାହାଫଳରେ ହିତାଧିକାରୀଙ୍କୁ ଆଉ ସରକାରୀ ଅଫିସ୍ ଦୌଡ଼ିବାକୁ ପଡୁନାହିଁ, ବରଂ ସରକାର ନିଜେ ଯୋଗ୍ୟ ଲୋକଙ୍କ ପାଖରେ ପହଂଚି ସେମାନଙ୍କୁ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ସଂଯୋଗ କରୁଛନ୍ତି ।

# ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଲିଫ୍ଟ ଅଚଳ ରୋଗୀ ହନ୍ତସନ୍ତ

ଝାରସୁଗୁଡ଼ା(ନି.ପ୍ର.)- ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୭ଟି ଲିଫ୍ଟ ମଧ୍ୟରୁ ମାତ୍ର ୩ଟି ଲିଫ୍ଟ କାର୍ଯ୍ୟ କରୁଛି । ଏଠାରେ ଲାଗି ଥିବା ଏସି ମଧ୍ୟ ଅଧିକାଂଶ କାମ କରୁ ନାହିଁ । ଝାରସୁଗୁଡା ଜିଲ୍ଲାରେ ତାପ ମାତ୍ରା ଅଧିକ ରହି ଥିବା ବେଳେ ଏସି (ଶୀତ ତାପ ନିୟନ୍ତ୍ର) ୪୦% କାମ କରୁଛି । ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଷଷ୍ଠ ମହଲାରେ ମେଡ଼ିସିନ ବିଭାଗ ରହିଥିବା ବେଳେ ୫ମ ମହଲାରେ ମହିଳା ରୋଗୀମାନଙ୍କ ପାଇଁ ବ୍ୟବସ୍ଥା ରହିଛି । ଚତୁର୍ଥ ମହଲାରେ ଚକ୍ଷୁ ବିଭାଗ ସହିତ ଅପରେସନ ବିଭାଗ ରହିଛି । ତୃତୀୟ ମହଲାରେ ସର୍ଜରୀ, ଓ ଶିଶୁ ବିଭାଗ ରହିଛି । ଦ୍ୱିତୀୟ ମହଲାରେ ମହିଳା ପ୍ରସୁତି ବିଭାଗ,ଆଇ.ସି.ୟୁ. ଓ ଡାଇଲିସିସ ବିଭାଗ ରହିଛି । ଏହି ଡ଼ାକ୍ତରଖାନାକୁ ପ୍ରତିହେ ୭୦୦ରୁ ୮୦୦ ରୋଗୀ ଆସୁଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ରୋଗୀ ବିଭିନ୍ନ ୱାର୍ଡ଼ ମାନଙ୍କରେ ରହିଛନ୍ତି । କିନ୍ତୁ ଦୁଃଖର କଥା ୭ଟି ଲିଫ୍ଟ ମଧ୍ୟରୁ ମାତ୍ର ୩ଟି କାର୍ଯ୍ୟକ୍ଷମ ରହିଥିବା ବେଳେ ସେଥିରୁ ୨ଟି ମନ୍ଥର ଗତିରେ ଚଳ ପ୍ରଚଳ କରୁଛି । ଏହି ବିଷୟରେ ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ସେ ଦୁଃଖର ସହିତ ପ୍ରକାଶ କରିଥିଲେ ଯେ ଦୁଇ ମାସ ହେଲା ପୁର୍ତ ବିଭାଗର ବିଦ୍ୟୁତ୍ ମୁଖ୍ୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ୩ ଥରରୁ ଉର୍ଦ୍ଧ୍ୱ ଲିଖିତ ଅଭିଯୋଗ କରିଥିବା ବେଳେ ମୌଖୀକ ଭାବରେ ବହୁଥର ଅନୁରୋଧ କରିଛନ୍ତି ।

ଏଠାରେ ସୁଚନାଯୋଗ୍ୟ ମୁଖ୍ୟ ଡ଼ାକ୍ତରଖାନାର୫ମ ମହଲାରେ ଭିନ୍ନକ୍ଷମ ରୋଗୀ ମାନଙ୍କର ବୋର୍ଡ଼ ମାସରେ ୨ଥର ହୋଇଥାଏ । ସେହି ଭିନ୍ନକ୍ଷମ ରୋଗୀମାନେ ବିଶେଷ ଭାବରେ ହନ୍ତସନ୍ତ ହେଉଛନ୍ତି । ଆଗାମୀ ୧୦ ଦିନ ମଧ୍ୟରେ ଏହା କାର୍ଯ୍ୟକାରୀ ନ ହେଲେ ସ୍ଥାନୀୟ ଜିଲ୍ଲା ପୂର୍ବତନ ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଳ ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି ।

# ଜମିବାଡ଼ି ବିବାଦକୁ ନେଇ ଅଶୀ ବର୍ଷର ବାପା ମାଆଙ୍କୁ ପୁଅବୋହୂଙ୍କ ମରଣାନ୍ତକ ଆକ୍ରମଣ



ବାଲିଆପାଳ, (ନି ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅସ୍ତି ଗ୍ରାମପଂଚାୟତ ଅନ୍ତର୍ଗତ ବଡାପାଳ ଗ୍ରାମର ନାଟଫୁଡି ଦାସଙ୍କ ସ୍ତ୍ରୀ ସାବିତ୍ରୀ ଦାସଙ୍କୁ ଗୁରୁବାର ସକାଳେ ତାଙ୍କ ପୁଅ ବହୁ ମରଣାନ୍ତକ ଆକ୍ରମଣ କରୁଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ଶ୍ରୀ ଦାସ ବାଲିଆପାଳ ଥାନାରେ ଅଭିଯୋଗ କରି ଘରକୁ ଫେରିବା ପରେ ପୁଣି ପୁଅ ବହୁ ଅକଥନୀୟ ଗାଳି ଗୁଲଜ କରିବା ସହିତ ପିଟା ମରା କରିବାରୁ ଉଭୟେ ବାପା ମାଆ ସନ୍ଧ୍ୟା ସମୟରେ ପୁଣି ଥାନାକୁ ଆସି ଥିବାର ସୂଚନା ମିଳିଛି । ବୟସାଧିକ କାରଣରୁ ଶ୍ରୀ ଦାସ ଓ ତାଙ୍କ ସ୍ତ୍ରୀ ଭଲଭାବରେ ଚାଲି ପାରୁ ନାହାଁନ୍ତିକି କାନକୁ ଭଲ ଶୁଭୁ ନାହିଁ । ସାନ ପୁଅ ବିଦେଶରେ ରହି ଟଙ୍କା ପଠାଇଲେ ଘର ଚଳୁଛି । ମଝିଆ ପୁଅ ବଡ଼ ପୁଅ ମା ବାପାଙ୍କୁ କୁ ମାଡ଼ ମାରି ନିର୍ଯ୍ୟାତନା ଦେଉଛନ୍ତି ବୋଲି ଉଭୟ ବାପା ମାଆ ଅଭିଯୋଗ କରିଛନ୍ତି ।ଏପରିକି ଯେଉଁ ବୟସରେ ପୁଅ ବହୁ ବାପା ମାଆଙ୍କ ସେବା କରିବା କଥା ମାତ୍ର ସେମାନେ ଜନ୍ମକଲା ମା' ବାପାକୁ କୁ ମାରି ଚାଲିଛନ୍ତି । ସମ୍ପତି ପାଇଁ ସେମାନେ ନୃଶଂସ ପାଲଟି ଯାଇଛନ୍ତି ।ତେବେ ଏହି ଘଟଣା ପ୍ରଥମ ନୁହେଁ ଏହା ପୂର୍ବରୁ ଏମିତି ଅନେକ ଥର ପୁଅ ବହୁ ମାଡ଼ ମାରିଥିବା ବାପା ମାଆ କହିଛନ୍ତି । ହେଲେ କେବେବି ମା' ବାପା ପାଟି ଫିଟାଇ ବିରୋଧ କରିନାହାଁନ୍ତି । ହେଲେ ସହିବାର ସିମା ଟପି ଯିବାରୁ ଆଜି ପୁଅ ବହୁ ବିରୁଦ୍ଧରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରି ଘରକୁ ଯିବା ପରେ ପୁଣି ପୁଅ ବହୁ ମାଡ଼ ମାରିଛନ୍ତି ବୋଲି ଥାନାରେ ବାପା ମାଆ ଲିକ୍ଷିତ ଅଭିଯୋଗ କରି ସୁରକ୍ଷା ମାଗିଛନ୍ତି ।

# ଯାଜପୁରରେ ଅନୁଷ୍ଠିତ ହେବ ବିଶ୍ୱଶାନ୍ତି ମହାଯଜ୍ଞ

ଯାଜପୁର:(ନି.ପ୍ର.) ଯଜ୍ଞପୁର ଯାଜପୁର ରେ ଅନୁଷ୍ଠିତ ହେବ ବିଶ୍ୱଶାନ୍ତି ମହାଯଜ୍ଞ । କାହ୍ନା ମହାରାଜଙ୍କୁ ସ୍ୱପ୍ନାଦେଶ ପରେ ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାକୁ ଥିବା ବେଳେ ଆଜି ବ୍ରାହ୍ମଣ ସମାଜ କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସପ୍ତମାତୃକା ସମ୍ମୁଖ ବୈତରଣୀ ନଦୀ ଦଶ୍ୱାସମେଧ ଘାଟରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଜଗତ ମଙ୍ଗଳ ଉଦେଶ୍ୟରେ ୯ ଦିନ ଧରି ଏହି ଯଜ୍ଞ ଅନୁଷ୍ଠିତ ହେଉଥିବା ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଛି । ଏହି ପଂଚକୁଣ୍ଡିଅ ମହାଯଜ୍ଞରେ ଲକ୍ଷେ ଆହୁତି ଦିଆଯିବାର ପଳିକଳ୍ପନା କରାଯାଇଛି । ପ୍ରଶାସନିକ ଅନୁମୋଦନ ପରେ ପରବର୍ତୀ ସମୟ ରେ ମହାଯଜ୍ଞ ତାରିଖ ଘୋଷଣା କରାଯିବ ।

# ସାର୍ବଜନୀନ ମାଆ ଶୀତଳାଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ

ବାଲିଆପାଳ, (ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମୁଧୂପୁରା ପଂଚାୟତର ଚୌଧୁରୀକୁଦ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ମାଆ ଶୀତଳା ମାତାଙ୍କ ସାର୍ବଜନିନ ବାର୍ଷିକ ପୂଜା ଉଦଯାପିତ ହୋଯାଇଛି ।ଗ୍ରାମବାସୀଙ୍କ ଦ୍ୱାରା ପ୍ରତି ବର୍ଷ ପରି ଚଳିତ ବର୍ଷ ପୂଜକ ନିରଞ୍ଜନ ପାଠୀ ଏବଂ ତପନ କୁମାର ପାଠୀଙ୍କ ତତ୍ୱାବଧାନରେ ମାଆ



ଶୀତଳା ଦେବୀଙ୍କ ବାର୍ଷିକ ପୂଜା ମଙ୍ଗଳବାର ଠାରୁ ଯଥା ରୀତି ଆରମ୍ଭ ହୋଇ ବୁଧବାର ପୁର୍ଣ୍ଣ ଆହୃତି ଓ ଅପରାଜିତା ମାର୍ଜନା ପରେ ମାଆଙ୍କ ପୂଜା ଅର୍ଚ୍ଚନା ସମାପନ ହୋଇଥିଲା ।ଏହି ଆବସରରେ ମଙ୍ଗଳବାର ଓ ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିତଳା ମଙ୍ଗଳ ପରିବେଷଣ ହୋଇଥିବା ବେଳେ ଗୁରୁବାର ରାତିରେ ନାଟକ ମଂଚସ୍ଥ ହୋଇଥଲା । ପୂଜା କମିଟିର ସଭାପତି ବସନ୍ତ ଦଣ୍ଡପାଟଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଶୀତଳା ମାତାଙ୍କ ପୂଜାର୍ଚ୍ଚନାରେ ମହେଶ୍ୱର ସାହୁ, ହରେକୃଷ୍ଣ ଜେନା, ବାବାଜୀ ସାହୁ, ଶମ୍ଭୁନାଥ ସାହୁ, ଅରବିନ୍ଦ ରାଉତ, ସରୋଜ ଦଣ୍ଡପାଟ , ପ୍ରଦୀପ ଦଣ୍ଡପାଟ,ନାରାୟଣ ପ୍ରାମାଣିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମବାସୀଙ୍କ ସହଯୋଗ ରେ ସମସ୍ତ କାର୍ଯ୍ୟ ସମାପନ ହୋଥିଲା ।

# ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ବିଶେଷ ଲୋକ ଅଦାଲତ

ଜଗତସିଂହପୁର, (ନି, ପ୍ର ) ସହଭାଗୀ ନ୍ୟାୟ ଏବଂ ଲୋକଙ୍କ ନିକଟରେ ନ୍ୟାୟିକ ସେବା ପରିକଳ୍ପନାକୁ ଆଗକୁ ବଢ଼ାଇବା ପାଇଁ 'ଦେଶବ୍ୟାପୀ ମଧ୍ୟସ୍ଥତାଭିତିକ ବିଚାର ଏବଂ ବିବାଦର ସଦ୍ ?ଭାବନାପୂର୍ଣ୍ଣ ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପଦକ୍ଷେପ' - 'ସମାଧାନ ସମାରୋହ'କୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଆୟୋଜନ କରୁଛନ୍ତି ।ଏହା ୨୧ ଏପ୍ରିଲ ୨୦୨୬ରୁ ଆରମ୍ଭ ହୋଇ ୨୧, ୨୨ ଏବଂ ୨୩ ଅଗଷ୍ଟ ୨୦୨୬ରେ ଏକ ବିଶେଷ ଲୋକ ଅଦାଲତ ଅନୁଷ୍ଠିତ ହେବା ସହିତ ସମାପ୍ତ ହେବ । ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଚାରାଧୀନ ମାମଲାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ସୁଗମ କରିବା । ଏହି ପଦକ୍ଷେପ ଅଧୀନରେ ବିବାଦର ପ୍ରଭାବଶାଳୀ ସମାଧାନରେ ସମସ୍ତ ଅଧିବକ୍ତା, ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି ।

# ଫେଲୋସିପ୍ ଅଫିସରେ ହାଜୀ ଅବୁଲ କାଶିମଙ୍କ ଶ୍ରଦ୍ଧାଞ୍ଜଳୀ ସଭା

ଭଦ୍ରକ (ନି.ପ୍ର.) ଗୁରୁବାର ଭଦ୍ରକ ସହରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫେଲୋସିପ୍ ଠାରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ହାଜୀ ଅବୁଲ କାଶିମ ଖାଁଙ୍କର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଫେସର ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ ଏବଂ ବିଶିଷ୍ଟ ବୁଦ୍ଧିଜିବୀ ଏବଂ ଫେଲୋସିପ୍‌ର କର୍ମକ□ମାନେ ଯୋଗଦାନ କରିଥିଲେ । ହାଜି ଅବଦୁଲ ମୁକିଦ ଖାଁ, ହରିପ୍ରସାଦ ନନ୍ଦ, କୈଳାସ ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ପବନ ଶର୍ମା, ଅସରଫ ଅଲ୍ଲି, ସାନ୍ତନୁ ରାଉତ, ଅବଦୁଲଦୟାନ ଯିଆ, ମଦନ ମହାନ୍ତି, ପୁଷ୍ପାଞ୍ଜଳୀ ବେହେରା, ଲଲାଟେନ୍ଦୁ ମହାନ୍ତି, ବିଦ୍ୟାଧର ସାହୁ, ସେଖ ନିୟାଜ, ରାଜେନ୍ଦ୍ର ଜେନା, ମିର୍ଜା ଏଦାଜ୍ ବେଗ ଓ ଫେଲୋସିପ୍ ଅନୁଷ୍ଠାନର ସଂପାଦକ ଏସ୍.ଏମ୍.ଫାରୁକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଏବଂ ଉକ୍ତ ସଭାରେ ମୁସ୍ତାକ ଗୌହର ସଂଯୋଜନା କରିଥିଲେ ।



# ନବନିର୍ମାଣ କୃଷକ ସଂଗଠନ ଆନ୍ଦୋଳନରେ ସମାଜର ସବୁବର୍ଗର ଲୋକେ ସାମିଲ ହେବାକୁ ଆହ୍ୱାନ

ଯାଜପୁର(ନି.ପ୍ର.) ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବୀକୁ ନେଇ ଅନବରତ୍ ଭାବରେ ଧାରଣା, ସତ୍ୟାଗ୍ରହ, ଗଣପଦଯାତ୍ରା ଓ ଜେଲ୍ ଯାତ୍ରା ଇତ୍ୟାଦି ମାଧ୍ୟମରେ ତାର ସଂଘର୍ଷ ଜାରି ରଖିଥିବା ବେଳେ ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ କୃଷକ ଏକତା ପଦଯାତ୍ରା ଆରମ୍ଭ ହୋଇଛି । ପ୍ରାଇସ୍ (ଚାଷୀ ଉତ୍ପାଦର ଉଚିତ୍ ମୂଲ୍ୟ), ପ୍ରେଷ୍ଟିଜ୍ (ଚାଷୀର ସମ୍ମାନ, ସ୍ୱାଭିମାନ ଓ ସ୍ୱାବଲମ୍ବନ), ପେନସନ୍ (ଚାଷୀ ସୁରକ୍ଷା ଭତା - ୨୦ ବର୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ସୁରକ୍ଷା ଭତା ଏବଂ ୬୦ ବର୍ଷରୁ ପ୍ରତ୍ୟେକ ବୟସ୍କଙ୍କୁ ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତା) ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ, ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବୀକୁ ନେଇ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ପାଇଁ ଯୋଜନା କରାଯାଇଥିଲା । କିନ୍ତୁ, ଡବଲ ଇଞ୍ଜିନ ବିଜେପି ସରକାର ଅହିଂସକ ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଲୁଥିବା ସରଳ ଚାଷୀ ଓ ଆଦିବାସୀଙ୍କର ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଗତ ୩୦ ମାର୍ଚ୍ଚରେ ୭୦୦ ଚାଷୀଙ୍କୁ (ଯେଉଁଥିରେ ୨୦୦ ମହିଳା ଉପସ୍ଥିତ ଥିଲେ) ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ଉତରପ୍ରଦେଶର ରାଷ୍ଟ୍ରୀୟ ନେତୃତ୍ୱ ଅରବିନ୍ଦ ମୂର୍ତି (ଆଇକ୍ୟାନ ର ରାଷ୍ଟ୍ରୀୟ ସଂଯୋଜକ), ଝାଡଖଣ୍ଡର ନେତୃତ୍ୱ ବିଜୟ ସିଂ (ଅଲ୍ ଇଣ୍ଡିଆ ପିପୁଲ୍ସ ଫ୍ରଂ[ର ଉପ-ସଭାପତି) ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କୁ ମିଶାଇ ମୋଟ ୧୩ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ । ଅକ୍ଷୟ କୁମାରଙ୍କ ସହିତ ୧୩ ଜଣ ଜେଲରୁ ମୁକୁଳିବା ପରେ ପୁଣି ଆନ୍ଦୋଳନ କରାଯିବା ନେଇ ନିଷ୍ପତି ନିଆଯାଇଥିବା ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଆଜି ଯାଜପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ନବନିର୍ମାଣ କୃଷକ ସଂଗଠନ ଏପ୍ରିଲ ୨୮ ତାରିଖରୁ କଟକର ସତ୍ୟଭାମାପୁରରୁ ଆରମ୍ଭ କରୁଥିବା "ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା" ୩୦ଟି ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀ ଇତ୍ୟାଦିଙ୍କୁ ଭେଟି ଆଗାମୀ ମେ ୧୪ ତାରିଖରେ ଭୁବନେଶ୍ୱରରେ ସମାପନ ହେବ ବୋଲି ସୂଚନା ଦେଇଛି । ଏହି ଆନ୍ଦୋଳନରେ ସମାଜର ସବୁବର୍ଗର ଲୋକେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ଦେଲା ଜିଲ୍ଲା ବିଜେଡି



ନୟାଗଡ଼-(ନି.ପ୍ର.) : ରାଜ୍ୟରେ ବିପର୍ଯ୍ୟସ୍ତ ଆଇଶୃଙ୍ଖଳା କୁ ଏନେଇ ଆଜି ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ବିଜେଡ଼ି ଜିଲ୍ଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ସୂଚନାନୁସାରେ, ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ଅରାଜକତା ବଢ଼ିଛି । ଅପରାଧିମାନେ ଆଇନକୁ ଭୃକ୍ଷେପ କରୁ ନାହାନ୍ତି । ବର୍ବରତା ସୀମା ଅତିକ୍ରାନ୍ତ କରିଛି । ଢେଙ୍କାନାଳ ଜିଲ୍ଲା ଭାପୁର ଅଂଚଳରେ ଦଳୀତ ମହିଳାଙ୍କୁ ଦୁଷ୍କର୍ମ ପରେ ପଥରରେ ଛେଚି ହତ୍ୟା ଘଟଣାରୁ ଆରମ୍ଭ କରି ପୁରୀ ଜିଲ୍ଲା ବଳଙ୍ଗା ଯୁବତୀଙ୍କୁ ହତ୍ୟା ଘଟଣା, ଗଞ୍ଜାମରେ ଗର୍ଭବତୀ ମହିଳାଙ୍କୁ ହତ୍ୟା ଘଟଣା, ବ୍ରହ୍ମଗିରିରେ ୬ ବର୍ଷ ଶିଶୁକନ୍ୟାକୁ ଦୁଷ୍କର୍ମ, କଣାସ ଥାନା ଅଂଚଳରେ ବାଲି ମାଫିଆଙ୍କ ଦୌରାତ୍ମ ପ୍ରସଙ୍ଗ ଉଠାଇ ସରକାରକୁ ଘେରିଛନ୍ତି । ନୟାଗଡ଼ ଓଡ଼ଗାଁରେ ଖଣି ମାଫିଆଙ୍କ ଦ୍ୱାରା ହତ୍ୟା ଘଟଣା ସବୁ ସୀମା ଟପିଛି ବୋଲି କହିଛନ୍ତି । ୨ ବର୍ଷରେ ବିଜେପି ସରକାର ଓଡ଼ିଶାର ଛବିକୁ ମଳିନ କରିଥିବା କହିଛନ୍ତି । ଶାନ୍ତିର ଜିଲ୍ଲା ନୟାଗଡରେ ଦିନକୁଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ବିଜେଡି ଅଭିଯୋଗ କରିଛି । ଅପରାଧୀମାନେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଅପରାଧ ଘଟାଇଚାଲିଛନ୍ତି । ଭାପୁର ବ୍ଲକରେ ବିଭିନ୍ନ ଗଣ୍ଡଗୋଳ , ଓଡଗାଁରେ ଯୁବକଙ୍କୁ ହତ୍ୟା , ଗଣିଆରେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣା ଏହାର ଉଦାହରଣ ବୋଲି ବିଜେଡି କହିଛି । ପୋଲିସ କାହାର ଚାପରେ ନପଡି ଏବଂ ବିଶେଷକରି ଶାସକଦଳର କର୍ମୀଙ୍କ ଦ୍ୱାରା ପ୍ରଭାବିତ ନହୋଇ କାର୍ଯ୍ୟ କରିବାକୁ ବିଜେଡି ଆହ୍ୱାନ ଦେଇଛି । ନୟାଗଡ଼ ବିଧାୟକ ବିଭିନ୍ନ ଜିଲ୍ଲାରେ ଘଟୁଥିବା ନୃସଂଶ ହତ୍ୟାକାଣ୍ଡକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଓଡ଼ିଶା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । କଥା କଥାରେ ଗୁଳି, ବୋମା, ଖଣ୍ଡା ଠେଙ୍ଗା ଚାଲୁଛି । ଯେଉଁମାନେ ଆଇନକୁ ହାତକୁ ନେଉଛନ୍ତି, ସେମାନଙ୍କର ପୁଲିସ ପ୍ରତି ତିଳେମାତ୍ର ଭୟ ନାହିଁ ବୋଲି କହିଛନ୍ତି । ପୋଲିସ ନିଜର ଦାୟୀତ୍ୱ ଠିକ୍ ଭାବେ ନତୁଲାଇଲେ ଆଗାମୀଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ କୁହାଯାଇଛି । ତେଣୁ ନୟାଗଡ ଜିଲ୍ଲାରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରେ ସୁଧାର ଆଣିବା ପାଇଁ ବିଜେଡି ପକ୍ଷରୁ ଆଜି ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କୁ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ କରିବା ସମୟରେ ବିଜୁ ଜନତା ଦଳର ନେତା ମାନେ ଉପସ୍ଥିତ ଥିଲେ ।

# କଟ୍ରିଙ୍ଗିଆ ମା ଗୃହରେ ଷଷ୍ଠତମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ, (ହି.ସ.)-ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସ୍ୱାସ୍ଥ୍ୟ ସେବା ଏକ ମହତ୍ୱପୂର୍ଣ୍ଣ ଦିଗ ହୋଇଥିବା ବେଳେ ସେ ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳ ଗୁଡିକରେ ଗର୍ଭବତୀଙ୍କ ନିକଟରେ ସୁଷମ ଆହାରର ଗୁରୁତ୍ୱର ବାର୍ତା ପହଂଚାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ତରଫରୁ ସ୍ଥାନେ ସ୍ଥାନେ ମା ଗୃହ ସ୍ଥାପନ କରାଯାଇଛି । ସେହିପାରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ର ସହଯୋଗରେ ମଇ ମାସ ୨୦୨୦ ମସିହା ଠାରୁ ଫୁଲବାଣୀ ବ୍ଲକର କଟ୍ରିଙ୍ଗିଆ ଠାରେ ଏକ ମା ଗୃହ ପରିଚାଳିତ କରାଯାଉଛି । ଏହି ମା ଗୃହ ଆଜି ତା'ର ଷଷ୍ଠ ବାର୍ଷିକ ପାଳନ କରି ସୁରକ୍ଷିତ ପ୍ରସବ ନିମନ୍ତେ ସୁଷମ ଆହାରର ଆବଶ୍ୟକତା ଓ ଆନୁଷ୍ଠାନିକ ପ୍ରସବର ଗୁରୁତ୍ୱ ଶିର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲେ । ଏହି ଆଲୋଚନାଚକ୍ରରେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ସୁକାନ୍ତି ପ୍ରଧାନ ଉପସ୍ଥିତ ରହି ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡିର ସ୍ୱାସ୍ଥ୍ୟସେବିକା/ସେବକ ମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ସାନ୍ତନୁ କୁମାର ମିଶ୍ର ଯୋଗଦେଇ ମା ଗୃହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୂଖ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇଥିଲେ, ଯାହାକି ମାତୃ ଓ ଶିଶୁ ମୃତ୍ୟୁ ହାରକୁ କମାଇବାରେ ସହାୟକ ହେଉଛି । ଆହୁରି ମଧ୍ୟ ଆଜି ପର୍ଯ୍ୟନ୍ତ ଏହି କଟ୍ରିଙ୍ଗିଆ ମା ଗୃହ ରେ ଆଡିମିଶନ୍ ନେଇ ୨୦୦୦ ରୁ ଅଧିକ ଗର୍ଭବତୀ ସେବା ପାଇଛନ୍ତି ବୋଲି କହିଥିଲେ । ଏହା ବ୍ୟତିତ ସେ ଗ୍ରାମାଂଚଳରେ ଥିବା ଅନ୍ଧବିଶ୍ୱାସକୁ ଦୂରେଇ ଗର୍ଭାବସ୍ଥାରେ ବିଭିନ୍ନ ସୁଷମ ଆହାର ସେବନ କରିବା ସହ ଉପଯୁକ୍ତ ବିଶ୍ରାମ ନେବା ଓ ଅପହଂଚ ଅଂଚଳର ଗର୍ଭବତୀମାନେ ଅନୁଷ୍ଠାନରେ ପ୍ରସବ କରାଇବା ନିମନ୍ତେ ସଠିକ୍ ସମୟ ପୂର୍ବରୁ ମା ଗୃହରେ ଅବସ୍ଥାପିତ ହେବାକୁ ଅନୁରୋଧ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରି ମନିସା ଖମାରି, ଏ.ଏନ୍.ଏମ୍. ବିଜୟଲକ୍ଷ୍ମୀ ବେହେରା ଓ ସସ୍ମିତା ସାହୁ, ଅଙ୍ଗନଓାଡି କର୍ମି ସରସ୍ୱତି ସାହୁ ଏବଂ ଆଶା କର୍ମି ଝୁନା କହଁର ଉପସ୍ଥିତ ରହି ଆନୁଷ୍ଠାନିକ ପ୍ରସବକୁ ବଢାଇବାକୁ ହେଲେ ଲୋକ ଭାଗିଦାରିତାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି କହିଥିଲେ । ମା ଗୃହ ତରଫରୁ ସାମନ୍ତି ଦିଗାଲ ସଭା ପରିଚାଳନା କରିଥିବା ବେଳେ ଗିତାଞ୍ଜଳୀ କହଁର, ଗିତାଞ୍ଜଳୀ ମୁଖୀ, ସସ୍ମିତା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସେବା ପାଇଥିବା ମା ମାନଙ୍କୁ ପଚାରିବାରୁ ସେବା ଅତି ଉଚ୍ଚକୋଟିର ବୋଲି କହିବା ସହ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତଙ୍କୁ ସାଧୁବାଦ ଦେଇ ଅନ୍ୟ ମା ମାନଙ୍କୁ ଉତ୍ସାହିତ କରିବାକୁ ମତବ୍ୟକ୍ତ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା କଲେ ରୁଷର ବୈଦେଶିକ ମନ୍ତ୍ରୀ ଲାବରୋବ



ନୂଆଦିଲ୍ଲୀ : ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାବରୋବ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଲେ ଏବଂ ଭାରତ-ରୁଷ ଦ୍ୱିପାକ୍ଷିକ ସହଯୋଗର ପ୍ରଗତି ସମେତ ବିଭିନ୍ନ ଆଂଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚନା କଲେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ଲାବରୋବ ଡିସେମ୍ବର ୨୦୨୫ ରେ ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀ ସମୟରେ ଦୁଇ ନେତାଙ୍କ ସାକ୍ଷାତ ପରଠାରୁ ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ପ୍ରଗତି ବିଷୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅବଗତ କରାଇଲେ । ବୈଠକ ସମୟରେ, ଦୁଇ ନେତା ୟୁକ୍ରେନର ପରିସ୍ଥିତି ଏବଂ ପଶ୍ଚିମ ଏସିଆର ବିକାଶ ସମେତ ପାରସ୍ପରିକ ସ୍ୱାର୍ଥର ବିଭିନ୍ନ ଆଂଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚନା କଲେ । ପ୍ରଧାନମନ୍ତ୍ରୀ ମୋଦୀ ଭାରତର ସ୍ଥିର ମତକୁ ପୁନର୍ବାର ଦୋହରାଇଛନ୍ତି ଯେ ଆଲୋଚନା ଏବଂ କୂଟନୀତି ହେଉଛି ଯେକୌଣସି ବିବାଦର ସମାଧାନ ପାଇଁ ସର୍ବୋତମ ପଥ । ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବାକୁ ମଧ୍ୟ ରୁଷ ବୈଦେଶିକ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।











## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବ୍ରିକ୍ସ୍ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀଗଣ



ନୂଆଦିଲ୍ଲୀ : ବୈଦେଶିକ ମନ୍ତ୍ରୀ ଏବଂ ବ୍ରିକ୍ସ୍ ଦେଶ ତଥା ଅନ୍ୟ ଭାଗୀଦାର ଦେଶଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ରୁଷର ବୈଦେଶିକ ମନ୍ତ୍ରୀ ସେର୍ଗେଇ ଲାଭ୍ରୋଭ, ବ୍ରାଜିଲର ବୈଦେଶିକ ମନ୍ତ୍ରୀ ମାଉରୋ ଭିଇରା, ଦକ୍ଷିଣ ଆଫ୍ରିକାର ବୈଦେଶିକ ମନ୍ତ୍ରୀ ରୋନାଲ୍ଡ ଲାମୋଲା, ଇରାନର ବୈଦେଶିକ ମନ୍ତ୍ରୀ ସୟିଦ ଆବ୍ବାସ ଆରାଘଚି, ଇଥିଓପିଆର ବୈଦେଶିକ ମନ୍ତ୍ରୀ ଗେଡିଓନ୍ ଟିମୋଥିଓସ ହେସେବୋନ୍ ଏବଂ ଇଣ୍ଡୋନେସିଆର ବୈଦେଶିକ ମନ୍ତ୍ରୀ ସୁଗିୟୋନୋଙ୍କ ସମେତ ଅନ୍ୟ ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ସୁବ୍ରମଣ୍ୟମ ଜୟଶଙ୍କର ଦିଲ୍ଲୀର ଭାରତ ମଣ୍ଡପମରେ ଆଜି ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ବ୍ରିକ୍ସ୍ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀଙ୍କ ଦୁଇ ଦିନିଆ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । ଚଳିତ ବର୍ଷର ବିଷୟବସ୍ତୁ ହେଉଛି ନବସୃଜନ, ସହଯୋଗ ଏବଂ ନିରନ୍ତର ବିକାଶ ପାଇଁ ନିର୍ମାଣ । ଏହାର ଉଦ୍ଦେଶ୍ୟ ଭାରତର ବୃଦ୍ଧି ପାଉଥିବା କୂଟନୈତିକ ସମ୍ପର୍କ ଏବଂ ରଣନୈତିକ, ଆର୍ଥିକ ଏବଂ ବହୁପକ୍ଷୀୟ ସହଯୋଗକୁ ସୁଦୃଢ଼ କରିବା ଉପରେ ଗୋଷ୍ଠୀର ଧ୍ୟାନକୁ ପ୍ରତିଫଳିତ କରୁଛି । ରୁଷ, ଇରାନ, ଇଣ୍ଡୋନେସିଆ, ୟୁ.ଏଇ, ଦକ୍ଷିଣ ଆଫ୍ରିକା, ଇଥିଓପିଆ ଏବଂ ଅନ୍ୟ ବ୍ରିକ୍ସ୍ ସହଯୋଗୀ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀ ଏବଂ ବରିଷ୍ଠ ପ୍ରତିନିଧିମାନଙ୍କୁ ସ୍ୱାଗତ କରାଯାଇଥିଲା ।

# ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗୁରୁବାର ସନ୍ଧ୍ୟାରେ ରାଜ୍ୟ ପ୍ରଶାସନ, ପୋଲିସ ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାପାଳ ଓ ଏସ୍.ପି ମାନଙ୍କ ସହିତ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୋଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ପରାମର୍ଶ ଦେଇ କହିଛନ୍ତି ଯେ, ରାଜ୍ୟ ପୋଲିସ ଏଭଳି ପଦକ୍ଷେପ ନେଉ ଯାହାଦ୍ୱାରା ପୋଲିସ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ସହିତ ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିପାରିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ । ପୋଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ ବୋଲି ସେ କହିଥିଲେ । ଯେ କୌଣସି ଅପରାଧିକ କାର୍ଯ୍ୟକଳାପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପୋଲିସ ପ୍ରଶାସନ ପାଇଁ ଖୁବ୍ ସହାୟକ ହୋଇପାରିବେ । ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଟିମ୍ ସ୍ପିରିଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୋଲିସ ସମ୍ପୂର୍ଣ୍ଣ ଭାବେ ଆଗୁଆ ପଦକ୍ଷେପ ବା ପ୍ରୋ ଆକ୍ଟିଭ୍ ଆକ୍ସନ୍ ନେବା ଅତ୍ୟନ୍ତ ଜରୁରୀ । ବିଭିନ୍ନ ଅଂଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଙ୍ଗ୍ କରିବା ଜରୁରୀ । ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ । ସାଧାରଣ ଲୋକଙ୍କ ସହିତ ବନ୍ଧୁ ଭଳି ସୁ-ସମ୍ପର୍କ ରକ୍ଷା କରିପାରିଲେ ପୋଲିସକୁ ସୂଚନା ମିଳିବାରେ ସହାୟତା ମିଳିପାରିବ । ଏହାଦ୍ୱାରା ପୋଲିସକୁ ମଧ୍ୟ ଅନେକ ସ୍ଥଳରେ ଆଗୁଆ ପଦକ୍ଷେପ ନେବା ପାଇଁ ସୁବିଧା ହେବ । ପୋଲିସ ପାଟ୍ରୋଲିଙ୍ଗ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପୋଲିସର ଉପସ୍ଥିତି ସର୍ବସାଧାରଣରେ ପରିଲକ୍ଷିତ ହେବା ଅତ୍ୟନ୍ତ ଜରୁରୀ । ବ୍ୟାପକ ପାଟ୍ରୋଲିଙ୍ଗ୍ ବ୍ୟବସ୍ଥା ଦ୍ୱାରା ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହିତ ସାଧାରଣ ଜନତାଙ୍କ ମଧ୍ୟରେ ଆସ୍ଥା ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆ ମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ପିଏମଏଓାଇ-ଜି ଘରର ଗୃହ ପ୍ରବେଶ ସମାରୋହର ଉଦ୍‌ଘାଟନ କରିବେ ଶିବରାଜ ଚୌହାନ



ନୂଆଦିଲ୍ଲୀ : କେନ୍ଦ୍ର ଗ୍ରାମୀଣ ବିକାଶ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ୧୫ ମଇରେ ମହାରାଷ୍ଟ୍ରର ସତାରାର ସୈନିକ ସ୍କୁଲ ପଡ଼ିଆରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମଏଓାଇ-ଜି) ଲାଭାର୍ଥୀ ସମ୍ମିଳନୀ ଏବଂ ମହା ଆବାସ ଅଭିଯାନ ରାଜ୍ୟସ୍ତରୀୟ ପୁରସ୍କାର ସମାରୋହ'ରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ସୁନେତ୍ର ଅଜିତ ପାୱାରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉପସ୍ଥିତ ରହିବେ । ଏହି କାର୍ଯ୍ୟକ୍ରମ ସମୟରେ, କେନ୍ଦ୍ର ମନ୍ତ୍ରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ୫୦୦,୦୦୦ ସମ୍ପୂର୍ଣ୍ଣ ଘର ପାଇଁ ଗୃହର ସମାରୋହର ଉଦଘାଟନ କରିବେ । ସେ ଏହି ଯୋଜନା ଅନ୍ତର୍ଗତ ୩ କୋଟି ଘରର ହିତାଧିକାରୀ ସମେତ ଛଅ ଜଣ ପିଏମଏଓାଇ-ଜି ହିତାଧିକାରୀଙ୍କୁ ଚାବି ପ୍ରଦାନ କରିବେ । ଏହି ଅବସରରେ, କେନ୍ଦ୍ର ମନ୍ତ୍ରୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପିଏମଏଓାଇ-ଜି ଅଧୀନରେ ମହାରାଷ୍ଟ୍ର ପାଇଁ ୮,୩୬୮.୫୦ କୋଟିର କେନ୍ଦ୍ରୀୟ ଅଂଶ ଅନୁମୋଦନ ଜାରି କରିବେ । ଏହା ସହିତ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୧୨୨.୯୮ କୋଟି ମୂଲ୍ୟର ୩୫ଟି ରାସ୍ତା ପ୍ରକଳ୍ପ ପାଇଁ ଅନୁମୋଦନ ପ୍ରଦାନ କରାଯିବ, ଯାହା ରାଜ୍ୟର ୩୫ଟି ଗ୍ରାମୀଣ ଜନବସତିକୁ ଲାଭ ପହଂଚାଇବ । ଏହି କାର୍ଯ୍ୟକ୍ରମ ସମୟରେ 'ମହା ଆବାସ ଅଭିଯାନ ୨୦୨୩-୨୪' ଅଧୀନରେ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ବଂଟନ କରାଯିବ । 'ମହା ଆବାସ ଅଭିଯାନ ପୁରସ୍କାର ଗୌରବ କାହାଣୀ ପୁସ୍ତିକା' ଏବଂ ଏକ ତ୍ରୈମାସିକ ପତ୍ରିକା ମଧ୍ୟ କାର୍ଯ୍ୟକ୍ରମରେ ପ୍ରକାଶିତ ହେବ ।

## ଜୁନ୍ ୩୦ ସୁଦ୍ଧା ବଡ଼ଦାଣ୍ଡରେ ଖୋଲିବ ୮ଟି ଅସ୍ଥାୟୀ ହସ୍ପିଟାଲ

ପୁରୀ: ପୁରୀରେ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା । ଆଗାମୀ ରଥଯାତ୍ରାକୁ ନେଇ ପୁରୀ ମେଡ଼ିକାଲରେ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ସଚିବ ଏସ ଅଶ୍ୱସ୍ଥି । ଜୁଲାଇ ୧୬ ରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ । ରଥଯାତ୍ରା ପୂର୍ବରୁ ପୁରୀ ମେଡ଼ିକାଲ ପରିସରରେ ନୂଆ ବିଲଡିଂ କାମ ସାରିବା ସହିତ ଡାକ୍ତରଙ୍କ ସଂଖ୍ୟା ପୂରଣ, ଶ୍ରୀଜଗନ୍ନାଥ ମେଡ଼ିକାଲକୁ କାର୍ଯ୍ୟକ୍ଷମ କରିବା ଆଦି ପ୍ରସଙ୍ଗକୁ ନେଇ ସମୀକ୍ଷା କରାଯାଇଛି । ଏଥିସହ ରୋଗୀଙ୍କ ଭିଡ଼ କମାଇବା ନେଇ ପ୍ରଥମ କରି TRIAGE, ବଡ଼ଦାଣ୍ଡରେ ଖୋଲିବ ୮ଟି ଅସ୍ଥାୟୀ ହସ୍ପିଟାଲ । ଜୁନ୍ ୩୦ ସୁଦ୍ଧା ପୁରୀ ହସ୍ପିଟାଲରେ ଚାଲିଥିବା ନୂଆ ବିଲଡିଂର କାର୍ଯ୍ୟକ୍ଷମ ହେବ । ଏହାସହ ୨୩୭ ଡାକ୍ତର, କାର୍ଡ଼ିଓଲୋଜିଷ୍ଟ, ପ୍ଲାଷ୍ଟିକ ସର୍ଜରୀ, ନ୍ୟୁରୋ ଆଦି ୨ ଜଣ ଲେଖାଏଁ ଡ଼ାକ୍ତର ନିୟୋଜିତ ରହିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ । ବୈଠକରେ ସ୍ୱାସ୍ଥ୍ୟ ସଚିବଙ୍କ ସହିତ ଅନ୍ୟ ଦୁଇଜଣ ସ୍ପେଶାଲ ସେକ୍ରେଟାରୀ ମଧ୍ୟ ଉପସ୍ଥିତ ଥିଲେ । ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ଆରଡିସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ବୈଠକରେ ପ୍ରବଳ ହୋହାଲ୍ଲା ହୋଇଥିଲା । ରଥଯାତ୍ରା ପୂର୍ବରୁ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଆଜି ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା ବୈଠକ ହୋଇଛି ।



## ସଚିବସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗୁରୁବାର ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅର୍ଥ ବିଭାଗ ପକ୍ଷରୁ ଗତ ଅପ୍ରେଲ ମାସ ଶେଷ ସୁଦ୍ଧା ବିଭିନ୍ନ ବିଭାଗର ବ୍ୟୟ ସମେତ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ବୈଠକରେ ବିଭିନ୍ନ ଭିତିଭୂମି କ୍ଷେତ୍ର, ସାମାଜିକ, କୃଷି ଓ ଉଦୀୟମାନ କ୍ଷେତ୍ରରେ ବ୍ୟୟ ସ୍ଥିତି ଅନୁଧ୍ୟାନ କରାଯାଇ କାର୍ଯ୍ୟ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ବଜେଟ୍ ରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି, ତାହାକୁ ଅଗ୍ରାଧିକାର ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ମଖ୍ୟମନ୍ତ୍ରୀ ଦେଇଥିବା ବିଭିନ୍ନ ବିଭାଗ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ପର୍ଯ୍ୟବେକ୍ଷଣ ସଂପର୍କିତ ପତ୍ର (ୟୁଓଆଇ ନୋଟ)ର କାର୍ଯ୍ୟାନୁଷ୍ଠାନ ସଂପର୍କରେ ସମୀକ୍ଷା କରାଯାଇ ଉତର ଅପେକ୍ଷାରେ ଥିବା ବିଭାଗମାନଙ୍କୁ ଶୀଘ୍ର ଅନୁପାଳନ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜଳଜୀବନ ମିଶନ-୨.୦ ମାଧ୍ୟମରେ ନିରନ୍ତର ଗ୍ରାମୀଣ ପାନୀୟ ଜଳ ଯୋଗାଣ ଏବଂ ଏଥିରେ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗ ଓ ସମନ୍ୱୟ ସଂପର୍କରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଉପସ୍ଥାପନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ । ବୈଠକର ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାପାଳ କୀର୍ତି ଭାସନ ଭି. ଯୋଗଦେଇ "ଓଡ଼ିଶା ଭିଜନ" ଲକ୍ଷ୍ୟ ନେଇ ଜିଲ୍ଲାର ୨୫ ଟି ପ୍ରମୁଖ ପଦକ୍ଷେପ ସଂପର୍କରେ ଏକ ଉତ୍ସାହଜନକ ଓ ଦୂରଦର୍ଶୀ ରୋଡମ୍ୟାପ ଉପସ୍ଥାପନ କରିଥିଲେ, ଯାହାକି ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ଗୋପାଳପୁରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ବିକଶିତ କରିବା, 'ବାହୁଦା' ଗଭୀର ସମୁଦ୍ର ବନ୍ଦରର ବିକାଶ, ବୃହତ୍ ବ୍ରହ୍ମପୁର ମହାନଗର ନିଗମର ସାମଗ୍ରିକ ଉନ୍ନତି, ପିପଲପଙ୍କା ଜଳସେଚନ ପ୍ରକଳ୍ପ, ଆର୍ଯ୍ୟପଲ୍ଲୀ ମାଛଧରା ବନ୍ଦର, ଜାତୀୟ ରାଜପଥ-୧୬ ର ସଂପ୍ରସାରଣ ଓ ଏହାକୁ ୬ ଲେନ୍ ବିଶିଷ୍ଟ କରାଯିବା, ଋଷିକୂଲ୍ୟାରେ କଂସାରୀଗଣ୍ଡ ଅନ୍ତଃ-ନଦୀ ଜଳାଶୟ ପ୍ରକଳ୍ପ, ଜିଲ୍ଲାର ବାକି ରହିଥିବା ସବୁ ବ୍ଲକକୁ ମେଗା ପାଇପ ଜଳଯୋଗାଣ ସୁବିଧା, ବ୍ରହ୍ମପୁର ବାଇପାସ ରୋଡ଼ ନିର୍ମାଣ ଶେଷ କରାଯିବା ସଂପର୍କରେ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ ।

## ରାଜ୍ୟରେ ସବୁ ସରକାରୀ ଗାଡ଼ି ହେବ ଇଭି, ପ୍ରତିଷ୍ଠା ହେବ ୧୦୦ ଚାର୍ଜିଂ ଷ୍ଟେସନ : ମନ୍ତ୍ରୀ



ଭୁବନେଶ୍ୱର : ଏଣିକି ରାଜ୍ୟରେ ସବୁ ସରକାରୀ ଗାଡ଼ି ହେବ ଇଭି । ଇଲେକ୍ଟ୍ରି ଗାଡି ବ୍ୟବହାର କରିବେ ସରକାରୀ ଅଧିକାରୀ । ଆଗାମୀ ଦିନରେ OSRTCର ସବୁ ଗାଡି ଇଭି ହେବ । ଏନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆଜିଠୁ ଇଭି ଗାଡିରେ ଯିବା ଆସିବା କରିବି । ମିତବ୍ୟୟତା ନିଜ ଠାରୁ ଆରମ୍ଭ କରିବି । ପ୍ରତି ବିଭାଗରେ ଥିବା ଗାଡିର ୫୦ ପ୍ରତିଶତ ଗାଡିକୁ ରଠରେ କନଭର୍ଟ କରାଯିବ । ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ୧୦୦ଟି ଇଭି ଚାର୍ଜିଂ ଷ୍ଟେସନ ହେବ । ଚାର୍ଜିଂ ଷ୍ଟେସନ ପାଇଁ ଇଲେକ୍ଟ୍ରି ଭା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ବର୍ତମାନ ସୁଦ୍ଧା ୩୦ଟି ଚାର୍ଜିଂ ଷ୍ଟେସନର କାମ ସରିଛି । କେବଳ ଭୁବନେଶ୍ୱରରେ ୧୫ଟି ଚାର୍ଜିଂ ଷ୍ଟେସନ ରହିଛି । ରାଜ୍ୟରେ ଚାର୍ଜିଂ ଷ୍ଟେସନର ଅଭାବ ରହିବ ନାହିଁ । ଆଗକୁ ଓଡ଼ିଶାରେ ୧୯୨ଟି ଚାର୍ଜିଂ ଷ୍ଟେସନ ହେବ । ଏଥିପାଇଁ ଇଭି ଚାର୍ଜିଂ ଷ୍ଟେସନ କମ୍ପାନୀ ସହିତ ପ୍ରାଥମିକ ଆଲୋଚନା ଶେଷ ହୋଇଛି । ମନ୍ତ୍ରୀ ପୁଣି କହିଛନ୍ତି ଯେ, ଇଭି ଗାଡିର ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖମନ୍ତ୍ରୀଙ୍କ ଆଗ୍ରହ ଅଛି । ଏହାଦ୍ୱାରା ପରିବେଶ ସୁରକ୍ଷା ସହିତ, ଆମର ସଂଚୟ ବି ହେଇପାରିବ । ପ୍ରକୃତି ପରିବେଶ ସନ୍ତୁଳିତ ପାଇଁ ଇଭିର ବ୍ୟବହାର କରିବୁ । ମୁଖ୍ୟମନ୍ତ୍ରୀ ତାଙ୍କ କାରକେଡ ଅଧା କରିସାରିଛନ୍ତି । ମନ୍ତ୍ରୀମାନେ ମଧ୍ୟ ସମାନ ନୀତି ଆପଣାଇବେ ।

## ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାବଳୀ ଉପରେ ଆନ୍ତଃ-ମନ୍ତ୍ରଣାଳୟ ସୂଚନା

### ହର୍ମୁଜ ପାର କଲା ୨ ଭାରତୀୟ ଏଲପିଜି ବୋଝେଇ ଜାହାଜ, ୨ ମାସ ଭିତରେ ୭ ଲକ୍ଷ ପିଏନଜି ସଂଯୋଗ ପ୍ରଦାନ

ନୂଆଦିଲ୍ଲୀ: ପଶ୍ଚିମ ଏସିଆର ବଦଳୁଥିବା ପରିସ୍ଥିତି ସମ୍ପର୍କରେ ଭାରତ ଜନସାଧାରଣଙ୍କ ଲାଗି ନେଉଥିବା ପଦକ୍ଷେପ ସମ୍ପର୍କରେ ନିୟମିତ ଅପଡେଟ୍ ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ, ଆଜି ନ୍ୟାସନାଲ ମିଡିଆ ସେଂଟରରେ ଏକ ମିଡିଆ ବ୍ରିଫିଂ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀମାନେ ଜାଳେଣିର ଉପଲବ୍ଧତା, ସାମୁଦ୍ରିକ କାର୍ଯ୍ୟକଳାପ ଏବଂ ପ୍ରମୁଖ କ୍ଷେତ୍ରଗୁଡିକରେ ସ୍ଥିରତା ବଜାୟ ରଖିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିଥିଲେ । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବର୍ତମାନର ଜାଳେଣି ଯୋଗାଣ ସ୍ଥିତି ଉପରେ ଏକ ଅପଡେଟ୍ ପ୍ରଦାନ କରିବା ସହ ପଶ୍ଚିମ ଏସିଆର ସ୍ଥିତିକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ ଉତ୍ପାଦ ଏବଂ ଜନସାଧାଣଙ୍କ ଲାଗି ଏଲପିଜିର ନିରବଚ୍ଛିନ୍ନ ଉପଲବ୍ଧତା ନିଶ୍ଚିତ କରିବାକୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ବିଷୟରେ ସୂଚନା ପ୍ରଦାନ କରିଛନ୍ତି । ଏହି ପଦକ୍ଷେପଗୁଡ଼ିକ ଭିତରେ ଜନସାଧାରଣଙ୍କ ପରିସ୍ଥିତି ସମ୍ପର୍କରେ ଅବଗତ କରାଇବା, ସାଧାରଣ ପରାମର୍ଶ ତଥା ମାର୍ଗଦର୍ଶିକା ଜାରି କରିବା ଯୋଗାଣ ସଙ୍କଟ ସମ୍ପର୍କରେ ସଚେତନ କରି ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ପ୍ରଭୃତି ଅନ୍ୟତମ । ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ନିଶ୍ଚିତ କରିବାକୁ ସମସ୍ତ ପ୍ରୟାସ କରୁଥିବାରୁ ନାଗରିକମାନଙ୍କୁ ଏ ନେଇ ଆତଙ୍କିତ ହୋଇ କୌଣସି ସାମଗ୍ରୀ ନ କିଣିବାକୁ ପରାମର୍ଶ ଦିଆଯାଇଛି । ଗୁଜବ ପ୍ରତି ସତର୍କ ରୁହିବା ଏବଂ ସଠିକ୍ ସୂଚନା ପାଇଁ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ କୁହାଯାଇଛି । ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ପରାମର୍ଶ ଦିଆଯିବା ସହ ବିତରକଙ୍କ ପାଖକୁ ଯିବାକୁ ବାରଣ କରାଯାଇଛି । ନାଗରିକମାନଙ୍କୁ ପିଏନଜି ଏବଂ ଇଲେକ୍ଟ୍ରିକ୍ କିମ୍ବା ଇଣ୍ଡକସନ୍ କୁକଟପ୍ ପରି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି । ର୍ତମାନର ପରିସ୍ଥିତିରେ ନିଜର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ ପାଇଁ ଆବଶ୍ୟକୀୟ ପ୍ରୟାସ କରିବାକୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି ।

## ଆଗାମୀ ଫିଫା ବିଶ୍ୱକପ୍ ପାଇଁ ଆର୍ଜେଣ୍ଟିନାର ସମ୍ଭାବ୍ୟ ଦଳ ଘୋଷଣା



ନୂଆଦିଲ୍ଲୀ : ଆଗାମୀ ଫିଫା ବିଶ୍ୱକପ୍ ପାଇଁ ଆର୍ଜେଣ୍ଟିନାର ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି । ବିଶ୍ୱ ପ୍ରସିଦ୍ଧ ଷ୍ଟ୍ରାଇକର ୩୮ବର୍ଷୀୟ ଲିଓନେଲ ମେସିଙ୍କୁ ଦଳରେ ସ୍ଥାନ ମିଳିଛି । ତେବେ ସେ ନେତୃତ୍ୱ ନେବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ । ମେସି କ୍ୟାରିୟରର ଷଷ୍ଠ ବିଶ୍ୱକପ୍ ଖେଳିବା ଏକ ପ୍ରକାର ନିଶ୍ଚିତ ହୋଇ ଯାଇଛି । ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ମେସି ୧୨ଟି ମ୍ୟାଚ ଖେଳି ସର୍ବାଧିକ ୮ଟି ଗୋଲ୍ ସ୍କୋର କରିଥିଲେ । ଫିଫା ଦ୍ୱାରା ୬ଟି ମ୍ୟାଚ ନିଲମ୍ବିତ ହୋଇଥିବା ଗିଆନଲୁକା ପ୍ରେଷ୍ଟିଆନିଙ୍କୁ ଦଳରେ ସୁଯୋଗ ମିଳିଛି । ସେ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇଲେ ପ୍ରଥମ ୨ଟି ମ୍ୟାଚ ଖେଳି ପାରିବେ ନାହିଁ । ସୂଚନାଯୋଗ୍ୟ, ଗତ ଫେବ୍ରୁଆରୀ ମାସରେ ଅନୁଷ୍ଠିତ ଚାମ୍ପିଅନ୍ସ ଲିଗ୍ ମ୍ୟାଚରେ ବେନଫିକା ପକ୍ଷରୁ ଖେଳୁଥିବା ପ୍ରେଷ୍ଟିଆନି ମୁହଁରେ ଜର୍ସି ଘୋଡ଼ାଇ ରିୟଲ ମାଦ୍ରିଦ ଫରୱାର୍ଡ୍ ବ୍ରାଜିଲର ଭିନିସିୟସ ଜୁନିୟରଙ୍କୁ କିଛି କହିଥିଲେ । ତାଙ୍କ ବିପକ୍ଷରେ ଜାତିଗତ ଆକ୍ଷେପ କରିଥିବା ଭିନିସିୟସ ଜୁନିୟର ଅଭିଯୋଗ କରିଥିଲେ । ପ୍ରେଷ୍ଟିଆନିଙ୍କୁ ସଙ୍ଗେ ସଙ୍ଗେ ଗୋଟିଏ ମ୍ୟାଚରୁ ନିଲମ୍ବିତ କରାଯାଇଥିଲା । ୟୁଇଏଫଏ ଏହି ଘଟଣାର ତଦନ୍ତ କରିବା ପରେ ପ୍ରେଷ୍ଟିଆନି ଦୋଷୀ ସାବ୍ୟସ୍ତ ହୋଇଥିଲେ ।

## ମୁମ୍ବାଇ ଆଗରେ ୨୦୧ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ପଞ୍ଜାବ

ଧର୍ମଶାଳା : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୮ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସିକୁ ମୁମ୍ବାଇ ଇଣ୍ଡିଆନ୍ସ ଭେଟିଛି । ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ଜାରିଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଫଳରେ ପଞ୍ଜାବ ଏଠାରେ ବ୍ୟାଟି କରିଥିଲା ଏବଂ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ୱିକେଟ୍ ହରାଇ ୨୦୦ ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍ ଜିତିବା ପାଇଁ ମୁମ୍ବାଇକୁ ୨୦୧ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି । ପ୍ରଭସିମରନ ସିଂହ ଅର୍ଦ୍ଧଶତକ ହାସଲ କରିଛନ୍ତି । ମୁମ୍ବାଇ ବୋଲର ଶାର୍ଦ୍ଦୁଲ ଠାକୁର ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି । ପଞ୍ଜାବ ପାଇଁ ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହ ପ୍ରଥମ ୱିକେଟ୍ ପାଇଁ ୫୦ ରନ୍ ସଂଗ୍ରହ କରିଥିଲେ । ଏଥିରେ ପ୍ରିୟାଂଶଙ୍କ ବ୍ୟକ୍ତିଗତ ସ୍କୋର ୨୨ ରନ୍ ଥିଲା । ସେ ୧୭ଟି ବଲ୍ ଖେଳି ୪ଟି ଚୌକା ମାରିଥିଲେ । ମୁମ୍ବାଇର ଦ୍ୱିତୀୟ



ଶିକାର ହୋଇଥିଲେ ପ୍ରଭସିମରନ ସିଂହ । କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ କୋପର କନୋଲିଙ୍କ ସହିତ ୫୭ ରନ୍‌ର ଭାଗିଦାରୀ କରିଥିଲେ । ପ୍ରଭସିମନର ବ୍ୟକ୍ତିଗତ ଭାବେ ମଧ୍ୟ ୫୭ ରନ୍ ସଂଗ୍ରହ କରିଥିଲେ । ସେ ୩୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୪ଟି ଛକା ମାରିଥିଲେ । ପଞ୍ଜାବର ଅଧିନାୟକ ଶ୍ରେୟସ ଆୟର ଅତି ଶସ୍ତାରେ ଆଉଟ୍ ହୋଇଥିଲେ । ସେ ମାତ୍ର ୪ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ । ପଞ୍ଜାବ ନିଜର ଚତୁର୍ଥ ୱିକେଟ୍ ଭାବେ କନୋଲିଙ୍କୁ ହରାଇଥିଲା, ଯିଏ କି ୨୨ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୧ ରନ୍ ସଂଗ୍ରହ କରିଥିଲେ । ଆଜମତୁଲ୍ଲା ଓମାରଜଇଙ୍କ ବ୍ୟାଟରୁ ୩୮ ରନ୍ ଅମଳ ହୋଇଥିଲା । ସେ ୧୭ଟି ବଲ୍ ଖେଳି ୨ଟି ଚୌକା ଏବଂ ୪ଟି ଛକା ମାରିଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**